# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 https://voiceofvictimsepaper.in Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୩୮, ଭୁବନେଶ୍ୱର, ଅଗଷ୍ଟ ୧୦ - ଅଗଷ୍ଟ ୧୬, ୨୦୨୬, Vol: 3, Issue: 38, Bhubaneswar, August 10 - August 16, 2026 Pages- 8



ପୃଷ୍ଠା ୪ ସମ୍ପାଦକୀୟ : ବୟସ୍କଙ୍କୁ ସମ୍ମାନ...

ପୃଷ୍ଠା ୮ Income Tax e-Filing...


# ସରଳତାର ପ୍ରତୀକ ରାଷ୍ଟ୍ରପତି

## କିନ୍ତୁ ଜନସାଧାରଣଙ୍କ ଅସୁବିଧାର ଦାୟିତ୍ୱ କାହାର ?

**ଭିଓଭି ବ୍ୟୁରୋ**





ରାଷ୍ଟ୍ରପତିଙ୍କ ରେଳ ଯାତ୍ରା ଏକ ସୁନ୍ଦର ବାର୍ତ୍ତା ଦେଲା, ହେଲେ ସାଧାରଣ ଯାତ୍ରୀଙ୍କ ଯନ୍ତ୍ରଣା ଉଠାଇଲା ଗମ୍ଭୀର ପ୍ରଶ୍ନ। ଭାରତର ପ୍ରଥମ ନାଗରିକ। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ଜଣେ ଓଡ଼ିଆ ମହିଳା। କିନ୍ତୁ ବ୍ୟକ୍ତିଗତ ଜୀବନଶୈଳୀରେ ଅତ୍ୟନ୍ତ ସରଳ, ଶାନ୍ତ ଓ ନିରାଡ଼ମ୍ବର, ମହାମହିମ ରାଷ୍ଟ୍ରପତିଙ୍କ ବ୍ୟକ୍ତିତ୍ୱର ଏହି ଦିଗଟି ଦେଶବାସୀଙ୍କୁ ସବୁବେଳେ ଆକର୍ଷିତ କରିଆସିଛି। ଓଡ଼ିଶାର ଏକ ଅଖ୍ୟାତ ଅଞ୍ଚଳରୁ ଜୀବନଯାତ୍ରା ଆରମ୍ଭ କରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ପହଞ୍ଚିବା ନିଶ୍ଚିତ ଭାବରେ ଏକ ଅସାଧାରଣ ଯାତ୍ରା। ତାଙ୍କ ଜୀବନ କେବଳ ସଫଳତାର କାହାଣୀ ନୁହେଁ, ସରଳତା, ସଂଘର୍ଷ ଓ ମାଟି ସହିତ ଯୋଡ଼ି ରହିବାର ଏକ ଉଦାହରଣ ମଧ୍ୟ। ରାଷ୍ଟ୍ରପତି ହେବା ପୂର୍ବରୁ ମଧ୍ୟ ସେ ବିଧାୟକ, ମନ୍ତ୍ରୀ ଓ ରାଜ୍ୟପାଳ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ। ତଥାପି ନିଜ ପଦ ଓ ପ୍ରଭାବକୁ ବ୍ୟକ୍ତିଗତ ସୁବିଧା ପାଇଁ ବ୍ୟବହାର କରିବାର ମନୋଭାବ ତାଙ୍କ ବ୍ୟକ୍ତିତ୍ୱ ସହିତ ମେଳ ଖାଏ ନାହିଁ।

ରାଷ୍ଟ୍ରପତିଙ୍କ ରେଳ ଯାତ୍ରା, ପୁଣିଥରେ ସରଳତାର ଏକ ସୁନ୍ଦର ବାର୍ତ୍ତା ଦେଇଛି। ରାଷ୍ଟ୍ରପତି ରେଳ ଯାତ୍ରା କରିବା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ୨୦୨୩ ମସିହାରେ ବାଦାମପାହାଡ଼ରୁ ରାଇରଙ୍ଗପୁର ପର୍ଯ୍ୟନ୍ତ ସେ ଟ୍ରେନରେ ଯାତ୍ରା କରିଥିଲେ। ସେହି ଅବସରରେ ତିନୋଟି ନୂଆ ଟ୍ରେନ ମଧ୍ୟ ଶୁଭାରମ୍ଭ ହୋଇଥିଲା। ସମ୍ପ୍ରତି ଭୁବନେଶ୍ୱରରୁ ବ୍ରହ୍ମପୁର ପର୍ଯ୍ୟନ୍ତ ତାଙ୍କ ରେଳ ଯାତ୍ରା ମଧ୍ୟ ଏହି ସରଳତାର ଆଉ ଏକ ଉଦାହରଣ ଭାବେ ଆଲୋଚନାକୁ ଆସିଛି। ରାଷ୍ଟ୍ରପତିଙ୍କ ଯାତ୍ରା ପାଇଁ ଷ୍ଟେସନଗୁଡ଼ିକୁ ସଜାଯିବା, ସୁରକ୍ଷା ବ୍ୟବସ୍ଥା କଡ଼ା କରାଯିବା ଏବଂ ପ୍ରୋଟୋକଲ ଅନୁଯାୟୀ ବ୍ୟବସ୍ଥା କରାଯିବା ସ୍ୱାଭାବିକ। ଦେଶର ପ୍ରଥମ ନାଗରିକଙ୍କ ସୁରକ୍ଷା ସହିତ କୌଣସି ପ୍ରକାର ସାଲିସ ହୋଇପାରିବ ନାହିଁ। କିନ୍ତୁ ଏହା ସହିତ ଆଉ ଏକ ପ୍ରଶ୍ନ ମଧ୍ୟ ରହିଛି, ଏହି ସୁରକ୍ଷା ବ୍ୟବସ୍ଥାର ଭାର କେତେ ଦୂର ପର୍ଯ୍ୟନ୍ତ ସାଧାରଣ ଯାତ୍ରୀଙ୍କ ଉପରେ ପଡ଼ିବା ଉଚିତ ? ସୁରକ୍ଷା ଆବଶ୍ୟକ, କିନ୍ତୁ ସାଧାରଣ ଲୋକଙ୍କ ସମୟର ମୂଲ୍ୟ କ'ଣ ନାହିଁ ? ରାଷ୍ଟ୍ରପତିଙ୍କ ରେଳ ଯାତ୍ରାକୁ ନେଇ କିଛି ଯାତ୍ରୀଙ୍କ ପକ୍ଷରୁ ଟ୍ରେନ ବିଳମ୍ବ ଓ ଯାତ୍ରାରେ ଅସୁବିଧା ହୋଇଥିବା ଅଭିଯୋଗ ଆସିଛି। ଏହି ଅଭିଯୋଗଗୁଡ଼ିକୁ ନେଇ ଯଦି ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥାନ୍ତି, ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ସମୟରେ ପହଞ୍ଚିପାରିନଥାନ୍ତି, କିମ୍ବା ବାଧ ହୋଇ ବିକଳ୍ପ ଯାତାୟାତ ବ୍ୟବସ୍ଥା କରି ଅତିରିକ୍ତ ଅର୍ଥ ଖର୍ଚ୍ଚ କରିଥାନ୍ତି, ତେବେ ଏହା ନିଶ୍ଚିତ ଭାବରେ ପ୍ରଶାସନ ପାଇଁ ଚିନ୍ତାର ବିଷୟ। କିଛି ଜଣ ପରିଚିତଙ୍କ ଅନୁଭବ ଏହି ପ୍ରଶ୍ନକୁ ଆହୁରି ଗମ୍ଭୀର କରେ। କାହାର ବୈଷୟିକ ମହାବିଦ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଥିଲା। କାହାର ଜରୁରୀ ଚିକିତ୍ସା ପାଇଁ ଯିବାର ଥିଲା, କାହାର ଉତ୍ସବ ଇତ୍ୟାଦିରେ ଯୋଗଦେବାର ଥିଲା। ପୂର୍ବରୁ ଟ୍ରେନରେ ସଂରକ୍ଷିତ ଟିକେଟ୍ ଥିଲା। କିନ୍ତୁ ଟ୍ରେନ ଦୀର୍ଘ ସମୟ ବିଳମ୍ବ ହେବାରୁ ସମୟ ବଞ୍ଚାଇବା ପାଇଁ ବାଧ ହୋଇ ବେସରକାରୀ ଗାଡ଼ି ଭଡ଼ା କରିବାକୁ ପଡ଼ିଲା। ଅର୍ଥାତ ଟ୍ରେନ ଟିକେଟ୍‌ର ଖର୍ଚ୍ଚ ଅଲଗା, ପୁଣି ଗାଡ଼ି ଭଡ଼ା ଅଲଗା। ଏହା କେବଳ କିଛି ବ୍ୟକ୍ତିଙ୍କ କଥା ହୋଇପାରେ। କିନ୍ତୁ ଯଦି ଏପରି ଅସୁବିଧା ଅନେକ ଯାତ୍ରୀଙ୍କୁ ହୋଇଥାଏ, ତେବେ ଏହାକୁ କେବଳ 'ଭିଆଇପି ମୁଭମେଣ୍ଟ' ବୋଲି କହି ଏଡ଼ାଇ ଦେବା ଠିକ୍ ହେବ ନାହିଁ। ଏଠି ପ୍ରଶ୍ନ ରାଷ୍ଟ୍ରପତିଙ୍କୁ ନୁହେଁ ଏଠାରେ ସବୁଠାରୁ ବଡ଼ କଥାଟି ସ୍ପଷ୍ଟ ହେବା ଦରକାର। ପ୍ରଶ୍ନଟି ରାଷ୍ଟ୍ରପତିଙ୍କ ବିରୋଧରେ ନୁହେଁ। ବରଂ ପ୍ରଶ୍ନଟି ହେଉଛି, ରାଷ୍ଟ୍ରପତିଙ୍କ ସୁରକ୍ଷା ଓ ଗସ୍ତକୁ ସୁଚାରୁ ଭାବେ ପରିଚାଳନା କରୁଥିବା ପ୍ରଶାସନିକ ବ୍ୟବସ୍ଥାର ବିରୋଧରେ।

**ରାଷ୍ଟ୍ରପତିଙ୍କୁ ସୁରକ୍ଷା ଦିଅନ୍ତୁ, କିନ୍ତୁ ଲୋକଙ୍କୁ ଅସୁବିଧା ଦେଇକି ନୁହେଁ**

**ରାଷ୍ଟ୍ରପତିଙ୍କ ସମ୍ମାନ ରକ୍ଷା କରନ୍ତୁ, କିନ୍ତୁ ନାଗରିକଙ୍କ ସମୟ ଓ ଅର୍ଥର ମୂଲ୍ୟ ଦିଅନ୍ତୁ**

**ପ୍ରୋଟୋକଲ ପାଳନ କରନ୍ତୁ, କିନ୍ତୁ ପ୍ରୋଟୋକଲ ନାମରେ ଜନସାଧାରଣଙ୍କୁ ଦଣ୍ଡ ଦିଅନ୍ତୁ ନାହିଁ**

ରାଷ୍ଟ୍ରପତିଙ୍କ ଭଳି ଅତିବିଶିଷ୍ଟ ବ୍ୟକ୍ତିଙ୍କ ଗସ୍ତ ସାଧାରଣତଃ ପୂର୍ବ ଯୋଜନା ଅନୁଯାୟୀ ହୋଇଥାଏ। ତେଣୁ ଯଦି ରେଳ ଯାତ୍ରାର ସମୟ, ରୁଟ୍ ଓ ସୁରକ୍ଷା ବ୍ୟବସ୍ଥା ପୂର୍ବରୁ ଜଣାଥାଏ, ତେବେ ସେହି ଅନୁଯାୟୀ ସାଧାରଣ ଟ୍ରେନ ଚଳାଚଳକୁ ନେଇ ପୂର୍ବ ପ୍ରସ୍ତୁତି କାହିଁକି ହେବ ନାହିଁ ? ଯଦି କୌଣସି ଟ୍ରେନରେ ଦୀର୍ଘ ବିଳମ୍ବର ସମ୍ଭାବନା ଥାଏ, ଯାତ୍ରୀମାନଙ୍କୁ ଏସଏମଏସ, ରେଳ ଆପ୍ କିମ୍ବା ଅନ୍ୟ ମାଧ୍ୟମରେ ଆଗୁଆ ସୂଚନା ଦିଆଯାଇପାରେ ନାହିଁ କି ?

ଆବଶ୍ୟକ ହେଲେ ବିକଳ୍ପ ଟ୍ରେନ, ବିକଳ୍ପ ରୁଟ୍ କିମ୍ବା ଅନ୍ୟ କୌଣସି ଯାତାୟାତ ବ୍ୟବସ୍ଥା କରାଯାଇପାରେ ନାହିଁ କି ? ରାଷ୍ଟ୍ରପତିଙ୍କ ସୁରକ୍ଷା ଓ ସାଧାରଣ ଯାତ୍ରୀଙ୍କ ସୁବିଧା, ଉଭୟକୁ ଏକାସାଙ୍ଗରେ ସମ୍ଭାଳିବା ହିଁ ତ ପ୍ରଶାସନର କାମ। ରାଷ୍ଟ୍ରପତିଙ୍କ ବ୍ୟକ୍ତିତ୍ୱର ଆଉ ଏକ ଘଟଣା ଏଠାରେ ମନେ ପକାଇବା ଆବଶ୍ୟକ। ୨୦୨୨ ମସିହାରେ ପୁରୀ ଶ୍ରୀମନ୍ଦିର ଦର୍ଶନ ସମୟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଗାଡ଼ିରୁ ଓହ୍ଲାଇ ପ୍ରାୟ ଦୁଇ କିଲୋମିଟର ଚାଲି ଚାଲି ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଇଥିଲେ। ସେତେବେଳେ ସୁରକ୍ଷା କାରଣରୁ ବଡ଼ଦାଣ୍ଡରେ ବ୍ୟାରିକେଡ୍ ଓ ସାଧାରଣ ଦର୍ଶନରେ ପ୍ରତିବନ୍ଧକ ଥିଲା; କିନ୍ତୁ ରାଷ୍ଟ୍ରପତି ନିଜେ ପ୍ରାୟ ଦୁଇ କିଲୋମିଟର ପାଦରେ ଯାଇଥିବା ଘଟଣା ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା। ଏହି ଘଟଣାରୁ ତାଙ୍କ ସରଳତା ଓ ଭକ୍ତିଭାବର ଏକ ଅଲଗା ଚିତ୍ର ଦେଖିବାକୁ ମିଳେ। ତେଣୁ ଏମିତି ଜଣେ ବ୍ୟକ୍ତି ନିଜ ଗସ୍ତ ପାଇଁ ସାଧାରଣ ଲୋକ ଘଣ୍ଟା ଘଣ୍ଟା ଧରି ହଇରାଣ ହୁଅନ୍ତୁ, ଏହା ସେ କେବେ ଚାହିଁନଥିବେ। ତେବେ 'ପ୍ରୋଟୋକଲ' ନାମରେ ଅତିରିକ୍ତ ଭିଆଇପି ସଂସ୍କୃତି କାହିଁକି ? ଏଠାରେ ଆମକୁ ଆଉ


*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*





# ମୁଖ୍ୟ ସ୍ତମ୍ଭ



କୈଳାସ ଚନ୍ଦ୍ର ଶତପଥୀ

ଭାରତର ରାଷ୍ଟ୍ରପତି ହେଉଛନ୍ତି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ। ତାଙ୍କ ସୁରକ୍ଷା, ଗରିମା ଓ ପ୍ରୋଟୋକଲକୁ ନେଇ କୌଣସି ବୁଝାମଣାର ପ୍ରଶ୍ନ ଉଠେ ନାହିଁ। କିନ୍ତୁ ଗଣତନ୍ତ୍ରର ମୂଳ ଆତ୍ମା ହେଉଛି, ରାଷ୍ଟ୍ର ପାଇଁ ବ୍ୟବସ୍ଥା ରହିବ, ବ୍ୟବସ୍ଥା ପାଇଁ ରାଷ୍ଟ୍ର ନୁହେଁ। ସୁରକ୍ଷାର ନାମରେ ଯଦି ଜନସାଧାରଣଙ୍କ ଦୈନନ୍ଦିନ ଜୀବନ ବ୍ୟାହତ ହୁଏ, ତେବେ ସେହି ବ୍ୟବସ୍ଥାର ପୁନଃମୂଲ୍ୟାଙ୍କନ ଆବଶ୍ୟକ।

ତପ୍ତପାଣିଠାରେ ମାଆଙ୍କ ଦର୍ଶନ ପାଇଁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ବ୍ରହ୍ମପୁର ଗସ୍ତକୁ ନେଇ ଏବେ ଯେଉଁ ଚର୍ଚ୍ଚା ଚାଲିଛି, ତାହାର କେନ୍ଦ୍ରବିନ୍ଦୁ ରାଷ୍ଟ୍ରପତି ନୁହେଁ ବରଂ ଗସ୍ତର ପରିଚାଳନା ଓ ତାହାର ସାମାଜିକ ପ୍ରଭାବ। ସ୍ୱତନ୍ତ୍ର ଟ୍ରେନ୍, ବ୍ୟାପକ ସୁରକ୍ଷା ବଳୟ, ଟ୍ରେନ୍ ଚଳାଚଳରେ ବାଧା ଏବଂ ଯାତ୍ରୀଙ୍କ ଅସୁବିଧା ଅନେକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ଅସନ୍ତୋଷକୁ କେବଳ ସମାଲୋଚନା ବୋଲି ଉଡ଼ାଇ ଦେବା ଉଚିତ ହେବ ନାହିଁ।

ଆଜି ଓଡ଼ିଶାର ଅନେକ ଅଞ୍ଚଳ ବନ୍ୟାରେ ବିପର୍ଯ୍ୟସ୍ତ। ହଜାର ହଜାର ପରିବାର ଘରଛାଡ଼ା, ଚାଷଜମି ଜଳମଗ୍ନ ଏବଂ ଲୋକେ ରିଲିଫ୍ ଓ ପୁନର୍ବାସକୁ ଅପେକ୍ଷା କରୁଛନ୍ତି। ଏଭଳି ସମୟରେ ପ୍ରଶାସନର ଏକ ବଡ଼ ଅଂଶ ଯଦି ଏକ ଧାର୍ମିକ ଗସ୍ତର ପ୍ରୋଟୋକଲରେ ବ୍ୟସ୍ତ ରହେ, ତେବେ ସାଧାରଣ ଲୋକ ନିହାତି ପ୍ରଶ୍ନ କରିବେ ଏହା କଣ ପ୍ରାଥମିକତାର ସଠିକ୍ କ୍ରମ ? ରାଷ୍ଟ୍ରପତିଙ୍କର ଯେକୌଣସି ଧାର୍ମିକ ସ୍ଥାନକୁ ଯିବାର ସମ୍ପୂର୍ଣ୍ଣ ଅଧିକାର ଅଛି। କିନ୍ତୁ ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତିଙ୍କ ପ୍ରତ୍ୟେକ ପଦକ୍ଷେପ କେବଳ ବ୍ୟକ୍ତିଗତ ରହେନାହିଁ; ତାହା ଏକ ସାର୍ବଜନୀନ ସନ୍ଦେଶରେ ପରିଣତ ହୁଏ। ସେଥିପାଇଁ ସରକାରୀ ଅର୍ଥ, ପ୍ରଶାସନିକ ସମୟ ଓ ଜନସାଧାରଣଙ୍କ ସୁବିଧା ମଧ୍ୟରେ ସନ୍ତୁଳନ ରହିବା ଉଚିତ। ଦ୍ରୌପଦୀ ମୁର୍ମୁ ଖାଲି ଭାରତର ରାଷ୍ଟ୍ରପତି ନୁହଁନ୍ତି; ଓଡ଼ିଶାରେ ରାଜନୀତି କରିବାଠାରୁ ଆରମ୍ଭ କରି ସେ ଜଣେ ସଂଘର୍ଷମୟ ଜୀବନର ପ୍ରତୀକ। ଏକ ସାଧାରଣ ଆଦିବାସୀ ପରିବାରରୁ ଦେଶର ସର୍ବୋଚ୍ଚ ପଦବୀକୁ ପହଞ୍ଚିବାର ତାଙ୍କ ଯାତ୍ରା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଛି। ସେଥିପାଇଁ ଲୋକଙ୍କ ଆଶା ମଧ୍ୟ ତାଙ୍କଠାରୁ ଅଧିକ। ସରଳତା, ସମ୍ବେଦନଶୀଳତା ଏବଂ ଜନମାନସର ଭାବନାକୁ ସମ୍ମାନ ଦେବା: ଏହି ତିନୋଟି ଗୁଣ ତାଙ୍କ ବ୍ୟକ୍ତିତ୍ୱର ପରିଚୟ ବୋଲି ଲୋକେ ବିଶ୍ୱାସ କରନ୍ତି।

ଇତିହାସ ସାକ୍ଷୀ, ମହାତ୍ମା ଗାନ୍ଧୀ ସାଧାରଣ ଲୋକଙ୍କ ମଧ୍ୟରେ ରହି ସେମାନଙ୍କ ବିଶ୍ୱାସ ଜିତିଥିଲେ। ଗଣତନ୍ତ୍ରରେ ପଦବୀର ଉଚ୍ଚତା ନୁହେଁ, ଲୋକଙ୍କ ନିକଟରେ ପହଞ୍ଚିବା ହିଁ ପ୍ରକୃତ ମହାନତାର ପରିମାପ। ତେଣୁ ଏଭଳି ଗସ୍ତଗୁଡ଼ିକରେ ଯଦି ଅଧିକ ସରଳ, ସଂଯମୀ ଏବଂ ଜନକଲ୍ୟାଣ ବ୍ୟବସ୍ଥାର ଉଦାହରଣ ସୃଷ୍ଟି ହୁଏ, ତେବେ ତାହା କେବଳ ଖର୍ଚ୍ଚ ସଞ୍ଚୟ କରିବ ନାହିଁ; ବରଂ ଗଣତନ୍ତ୍ର ପ୍ରତି ଲୋକଙ୍କ ବିଶ୍ୱାସକୁ ଆହୁରି ଦୃଢ଼ କରିବ।

ଗଣତନ୍ତ୍ରରେ ସରକାରୀ ତହବିଲ କୌଣସି ସରକାରର ନୁହେଁ; ତାହା ହେଉଛି କରଦାତାଙ୍କ ଅର୍ଥ। ସେହି ଅର୍ଥର ପ୍ରତ୍ୟେକ ଟଙ୍କା ବ୍ୟୟରେ ସଂଯମ, ସ୍ୱଚ୍ଛତା ଓ ଜନସ୍ୱାର୍ଥର ପ୍ରତିଫଳନ ରହିବା ଉଚିତ। ବିଶେଷକରି ଦୁର୍ଯ୍ୟୋଗ ସମୟରେ ଏହି ନୈତିକ ଦାୟିତ୍ୱ ଆହୁରି ବଢ଼ିଯାଏ। ଏହି ପ୍ରସଙ୍ଗରେ ପ୍ରଶ୍ନ ଜଣେ ବ୍ୟକ୍ତିଙ୍କୁ ନେଇ ନୁହେଁ, ବରଂ ଏକ ବ୍ୟବସ୍ଥାକୁ ନେଇ। ଦେଶର ସର୍ବୋଚ୍ଚ ପଦବୀର ଗରିମା ଅକ୍ଷୁଣ୍ଣ ରହୁ, କିନ୍ତୁ ସେହି ଗରିମାର ଭାର କେବେବି ସାଧାରଣ ଲୋକଙ୍କ କଷ୍ଟର କାରଣ ନ ହେଉ। ଏହା ହିଁ ହେବ ଗଣତନ୍ତ୍ରର ପ୍ରକୃତ ସୌନ୍ଦର୍ଯ୍ୟ।

# ତୁଳସୀ ଦାସ ଚନ୍ଦନ ଘିସେ

-: ଅର୍ଜୁନୀ ଚରଣ ବେହେରା :-

ଅନେକ ଦିନ ତଳର କଥା । ସେତେବେଳେ ରାମ ଶୈଳ, ଚିତ୍ରକୂଟରେ ଆଚାର୍ଯ୍ୟ ଅନନ୍ତାନନ୍ଦଙ୍କ ପ୍ରିୟ ଶିଷ୍ୟ ନରହର୍ଯ୍ୟାନନ୍ଦ ବାସକରୁଥାନ୍ତି । ଏକ ଶିଷ୍ୟ ସନ୍ଧାନରେ ସେ ଦିନେ ବୁଲୁଥିଲା ବେଳେ ଗୋଟିଏ ବାରବୁଲା ଅନାଥ ବାଳକକୁ ପାଇଲେ । ସେ ତା'ର ନାମ ରଖିଲେ, ରାମବୋଲା ଏବଂ ତାକୁ ଅଯୋଧ୍ୟା ଧରି ଆସିଲେ । ସମ୍ବତ ୧୫୬୧, ମାଘଶୁକ୍ଳ ପଞ୍ଚମୀ ତିଥି ଶୁକ୍ରବାର ଦିନ ସେ ବାଳକର ଯଜ୍ଞ ଉପବୀତ ସଂସ୍କାର କରାଇଲେ । ଅନାଥବାଳକ ରାମବୋଲା ବିନା ଶିକ୍ଷାରେ ଅତି ସୁନ୍ଦର ଭାବେ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କଲା । ଏହା ଦେଖି ଗୁରୁ ଆଶ୍ଚର୍ଯ୍ୟ ହୋଇ ଗଲେ। ସେ ତାକୁ ବୈଷ୍ଣବୀୟ ପଞ୍ଚ ସଂସ୍କାର କରି ରାମ ମନ୍ତ୍ର ଦୀକ୍ଷା ଦେଲେ ଓ ପାଠ ପଢ଼ାଇବାରେ ଲାଗିଲେ । ଦୀକ୍ଷା ଲାଭ ପରେ, ବାଳକଟିର ନାମ ରଖାଗଲା ତୁଳସୀ ଦାସ । ତୁଳସୀ ବଡ଼ ଧୀ ଶକ୍ତି ସମ୍ପନ୍ନଥିଲେ । ସେ ଥରେ ଯାହା ଶୁଣୁଥିଲେ ତାହା ତାଙ୍କର କଣ୍ଠସ୍ଥ ହୋଇଯାଉଥିଲା । କିଛିଦିନପରେ ଗୁରୁଶିଷ୍ୟ ଦୁହେଁ ଶୂକରକ୍ଷେତ୍ର ସୋରୋଂକୁ ଚାଲି ଗଲେ ।

ସେଠାରେ ସ୍ୱାମୀଜୀ ରାମବୋଲାକୁ ରାମ ଚରିତ ଶୁଣାଇଲେ । ସେମାନେ କିଛିଦିନ ସେଠାରେ ରହି ପୁଣି କାଶୀ ଚାଲି ଗଲେ । କାଶୀରେ ରାମବୋଲା ସ୍ୱାମୀ ଶେଷ ସନାତନଙ୍କ ତତ୍ୱାବଧାନରେ ପନ୍ଦର ବର୍ଷ ରହି ବେଦ ବେଦାଙ୍ଗ ଶିକ୍ଷାକରି ପାରଦର୍ଶିତା ଲାଭ କଲେ । ଯୌବନ ସମୟ ଉପଗତ, ତେଣୁ ରାମବୋଲା ମନରେ ସଂସାର ସୁଖ ଇଛା ଜାଗ୍ରତ ହେଲା । ସେ ଗୁରୁଙ୍କଠାରୁ ଅନୁମତି ନେଇ ଫେରି ଆସିଲେ ନିଜ ଗ୍ରାମକୁ । ଗ୍ରାମରେ ଆସି ଦେଖିଲେ ତାଙ୍କ ପିତା ଆଉ ଇହଜଗତରେ ନାହାଁନ୍ତି । ନିଜର ଘରଦ୍ୱାର, ସମ୍ପତ୍ତି ବାଡ଼ି ସବୁ ନଷ୍ଟ ହୋଇଛି । ସେ ପିତାଙ୍କ ଶ୍ରାଦ୍ଧ କ୍ରିୟା ସମାପନ କଲେ ଓ ଗ୍ରାମରେ ଅବସ୍ଥାନ କରି ଲୋକଙ୍କୁ ରାମ କଥା ଶୁଣାଇବାକୁ ଲାଗିଲେ ।

ସମ୍ବତ ୧୫୮୩, ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ଗୁରୁବାର ତିଥିରେ ଭରଦ୍ୱାଜ ଗୋତ୍ରୀୟ ଏକ ସୁନ୍ଦରୀ କନ୍ୟା ରତ୍ନାବଳୀଙ୍କ ସହ ତାଙ୍କର ବିବାହ ସମ୍ପନ୍ନହେଲା । ତୁଳସୀ ନବବିବାହିତା ପତ୍ନୀଙ୍କ ସହ ଅତି ସୁଖରେ କାଳ କଟାଇଲେ । ଥରେ ରତ୍ନାବଳୀ, ତାଙ୍କ ଭାଇ ସହିତ ବାପ ଘରକୁ ଚାଲିଗଲେ । ପତ୍ନୀଙ୍କୁ କ୍ଷଣେ ମାତ୍ର ଛାଡ଼ି ନରହି ପାରୁଥିବା ତୁଳସୀ ଦାସ ତାଙ୍କ ପଛେ ଯାଇ ଶ୍ୱଶୁର ଘରେ ପହଞ୍ଚି ଗଲେ । ପତିଙ୍କ ଏ ଆଚରଣ ଓ ଆସକ୍ତି ଦେଖି, ଲଜ୍ଜିତା ଧର୍ମପତ୍ନୀ ତାଙ୍କୁ ବହୁ ଧିକ୍କାର କରି କହିଲେ,'ମୋର ଏ ଅସ୍ଥି ମେଦ ଶରୀରଟା ପ୍ରତି ତୁମର ଯେତିକି କାମନା ଓ ଆସକ୍ତି ରହିଛି, ତହିଁର କାଣିଚାଏ ଯଦି ଭଗବାନ ପ୍ରଭୁ ଶ୍ରୀରାମଙ୍କ ଠାରେ ରହନ୍ତା ତେବେ ତୁମେ ଏ ଭବସାଗର ପାରହୋଇ ଯାଆନ୍ତ ।

ପତ୍ନୀଙ୍କର ଏ ବଚନ ତୁଳସୀଙ୍କ ହୃଦୟରେ ତୀକ୍ଷ୍ଣ ଶେଲ ବିଦ୍ଧ କଲା । ସେ ମୁହୂର୍ତ୍ତେ ଆଉ ଅପେକ୍ଷା ନ କରି ସେଠାରୁ ଫେରି ଆସିଲେ ଏବଂ ଚାଲିଲେ ପ୍ରୟାଗ । ପ୍ରୟାଗଠାରେ ସେ ସାଧୁବେଶ ପରିଧାନ କରି ବାହାରି ଗଲେ ତୀର୍ଥଭ୍ରମଣରେ । ଉତ୍ତରରେ ମାନସରୋବର ନିକଟରେ କାକ ଭୂଷଣ୍ଡିଙ୍କ ଦର୍ଶନ ଲାଭକରି ସେ ପୁଣି କାଶୀ ଫେରିଆସି ସେଠାରେ ଲୋକଙ୍କୁ ରାମକଥା ଶୁଣାଇବାରେ ଲାଗିଲେ । ପ୍ରତିଦିନ ସନ୍ଧ୍ୟା ଉପାସନା ପରେ ବ୍ୟବହୃତ ପୂଜା ଜଳକୁ ସେ ନେଇ, ଏକ ବଡ଼ ବୃକ୍ଷ ମୂଳରେ ଢ଼ାଳି ଦେଇ ଆସନ୍ତି । ସେ ବୃକ୍ଷରେ ବହୁଦିନରୁ ଗୋଟିଏ ପ୍ରେତ ବାସ କରୁଥାଏ । ସେ ପ୍ରତିଦିନ ଏହି ପୁଜା ଜଳ ପାଇ, ମୋକ୍ଷ ହୋଇ ଗଲା । ସନ୍ତୁଷ୍ଟ ପ୍ରେତଟି ଦିନେ ତୁଳସୀଙ୍କୁ ଦର୍ଶନ ଦେଇ କହିଲା,' ଆପଣ ମୋତେ ବହୁତ କୃପା କରିଛନ୍ତି, କି ବର ମାଗୁଛନ୍ତି ମାଗନ୍ତୁ ।' ତୁଳସୀ ଦାସ କହିଲେ,'ହେ ମହାତ୍ମା ! ମୋର ମନ ପ୍ରଭୁ ଶ୍ରୀ ରାମଙ୍କ ଦର୍ଶନ ପାଇଁ ବହୁତ ବ୍ୟାକୁଳ । ମୋତେ ଆପଣ କୃପା କରି ଶ୍ରୀରାମଙ୍କ ଦର୍ଶନ କରାଇଦିଅନ୍ତୁ । ପ୍ରେତ କହିଲା,'ମୁଁ ତୁମକୁ ପ୍ରଭୁଙ୍କୁ ଦେଖାଇ ପାରିବିନାହିଁ । କିନ୍ତୁ,ପ୍ରଭୁଙ୍କ ଭକ୍ତ ଭକ୍ତ ଶିରୋମଣି ଶ୍ରୀହନୁମାନଙ୍କୁ ଦେଖାଇ ଦେବି । ହନୁମାନ ପ୍ରତିଦିନ ତୁମ ସତସଙ୍ଗ ସନ୍ଧ୍ୟାକୁ ଆସନ୍ତି । ତାଙ୍କୁ ପ୍ରାର୍ଥନା କଲେ, ସେ ନିଶ୍ଚୟ ତୁମକୁ ପ୍ରଭୁଙ୍କ ଦର୍ଶନ କରାଇ ଦେବେ ।' ପରଦିନ ତୁଳସୀ ଦାସ ସତସଙ୍ଗରେ ହନୁମାନଙ୍କୁ ବହୁ ଖୋଜିଲେ, କିନ୍ତୁ ନପାଇ ବହୁତ ନିରାଶ ହୋଇ ପଡ଼ିଲେ । ସେ ପୁନଃ ପ୍ରେତ ପାଖରେ ନିଜର ଦୁଃଖ ଜଣାଇଲେ ।

ପ୍ରେତ ତୁଳସୀଙ୍କୁ କହିଲା,ଆପଣ ଭଲକରି ଲକ୍ଷ୍ୟ କରିବେ ଜଣେ ବୃଦ୍ଧ ବ୍ରାହ୍ମଣ ସତସଙ୍ଗ ଆରମ୍ଭରେ ଆସୁଛନ୍ତି ଏବଂ ଶେଷରେ ସମସ୍ତେ ଯିବାପରେ ହିଁ ଯାଉଛନ୍ତି । ସେହି ବୃଦ୍ଧ ବ୍ରାହ୍ମଣ ଜଣକ ହେଉଛନ୍ତି ଭକ୍ତ ପ୍ରବର ହନୁମାନ । ତା' ପରଦିନ ତୁଳସୀ ସତକୁ ସତ ସେ ବ୍ରାହ୍ମଣଙ୍କୁ ଦେଖିବାକୁ ପାଇଲେ । ତାଙ୍କର ପାଦ ଧରି ଶୋଇ ଯାଇ ନିଜ ଅଭିଳାଷ ବ୍ୟକ୍ତ କଲେ । ହନୁମାନଜୀ ତାଙ୍କୁ କହିଲେ, ତୁମେ ଅତି ଶୀଘ୍ର ଚିତ୍ରକୂଟ ଗମନ କର, ସେହି ଠାରେ ତୁମେ ଶ୍ରୀରଘୁନାଥଙ୍କ ଦର୍ଶନ ଲାଭ କରି ପାରିବ । ଏହାଶୁଣି ତୁଳସୀଦାସ ଆଉ କାଳ ବିଳମ୍ବ ନକରି ଚାଲିଲେ ଚିତ୍ରକୂଟ ।

ଚିତ୍ରକୁଟର ପବିତ୍ର ମନ୍ଦାକିନୀତଟ ରାମ ଘାଟରେ ଯାଇ, ସେ ନିଜ ଆସନ ଜମାଇ ବସିଲେ । ଦିନେ ସେ କାମଦଗିରି ପରିକ୍ରମା କରିବାକୁ ଯାଇ ଥାନ୍ତି । ବାଟରେ ତାଙ୍କୁ ପ୍ରଭୁ ଶ୍ରୀ ରାମଙ୍କ ଦର୍ଶନ ମିଳିଲା । ସେ ଦେଖିବାକୁ ପାଇଲେ ଦୁଇଜଣ ଦିବ୍ୟ ସୌମ୍ୟ ସୁନ୍ଦର ରାଜକୁମାର ଧନୁର୍ବାଣ ଧରି ଅଶ୍ୱ ପୃଷ୍ଠରେ ଯାଉଛନ୍ତି । ତାଙ୍କର ସନ୍ଦର୍ଶନରେ ତୁଳସୀ ଅତୀବ ମୁଗ୍ଧ ହୋଇ ଗଲେ । ମାତ୍ର ସେମାନଙ୍କୁ ପ୍ରଭୁ ରାମ ଓ ଲକ୍ଷ୍ମଣ ବୋଲି ଚିହ୍ନି ପାରିଲେ ନାହିଁ । ହନୁମାନଜୀ ଆସି ସେଠାରେ ପହଞ୍ଚିଲେ । ତାଙ୍କୁ ସମସ୍ତ ରହସ୍ୟ ବୁଝାଇ ଦେଲେ । ତୁଳସୀ ପ୍ରଭୁଙ୍କୁ ଚିହ୍ନି ନପାରି ଅତ୍ୟନ୍ତ ମ୍ରିୟମାଣ ହୋଇ ପଡ଼ିଲେ । ହନୁମାନଜୀ ପହଞ୍ଚି ତାଙ୍କୁ ସାନ୍ତ୍ୱନାଦେଇ କହିଲେ, 'ବ୍ୟସ୍ତ ହୁଅ ନାହିଁ, ବତ୍ସ ତୁଳସୀ ! ତୁମେ ଆସନ୍ତା କାଲି ନିଶ୍ଚୟ ପ୍ରଭୁଙ୍କ ଦର୍ଶନ ଲାଭ କରିବ ।'

ସମ୍ବତ ୧୬୦୭, ବୁଧବାର,ମୌନି ଅମାବାସ୍ୟା ଦିନ ପ୍ରଭୁ ତୁଳସୀଙ୍କ ସମ୍ମୁଖରେ ପୁନଃ ଆସି ଆବିର୍ଭୁତ ହେଲେ । ପ୍ରଭୁ ବାଳକ ରୂପରେ ଆସି କହୁଥାନ୍ତି, 'ଆମକୁ ଚନ୍ଦନ ଦିଅ ବାବା, ଚନ୍ଦନ ଦିଅ ।' ହନୁମାନ ପଛରେ ରହି ଏହା ଦେଖୁଥାନ୍ତି । ଏଥର କାଳେ ତୁଳସୀ ପ୍ରଭୁଙ୍କୁ ଚିହ୍ନି ପାରିବେ ନାହିଁ ଭାବି ସେ ଶୁଆରୂପ ଧରି ବୋଲି ଦେଲେ :- ଚିତ୍ରକୂଟ କେ ଘାଟ ପର ଭଇ ସନ୍ତନ କି ଭୀର । ତୁଳସୀ ଦାସ ଚନ୍ଦନ ଘିସେ ତିଲକ ଦେତ ରଘୁବୀର । ଭଗବାନଙ୍କ ସେହି ଧନୁର୍ବାଣଧାରୀ ନୀଳ ନବଘନ ଅଦ୍ଭୁତ ଛବି ଦେଖି ତୁଳସୀଦାସ ଆତ୍ମହରା ହୋଇ ଗଲେ । ପ୍ରଭୁ ନିଜ ହାତରେ ଚନ୍ଦନ ନେଇ ନିଜର ଲଲାଟରେ ଲଗାଇଲେ ଓ ତୁଳସୀଙ୍କ ଲଲାଟରେ ଚନ୍ଦନ ଟିପାଟିଏ ଲଗାଇ ଦେଇ କୁଆଡ଼େ ଉଭାନ ହୋଇଗଲେ ।

ସମ୍ବତ ୧୬୨୮, ହନୁମାନଜୀଙ୍କ ଆଦେଶ କ୍ରମେ ତୁଳସୀଦାସ ଅଯୋଧ୍ୟା ଚାଲିଗଲେ । ପ୍ରୟାଗରେ ସେତେବେଳେ ମାଘ ମେଳା ଚାଲିଥାଏ । ତୁଳସୀ ସେଠାରେ କିଛି ଦିନ ରହିଲେ । ଛଅ ଦିନ ପରେ ଦିନେ ସେ ଗୋଟିଏ ବଟ ବୃକ୍ଷ ମୂଳେ ବସି ଥିବା ମୁନି ଭରଦ୍ୱାଜ ଏବଂ ଯାଜ୍ଞବଲ୍କ୍ୟଙ୍କ ପବିତ୍ର ଦର୍ଶନ ଲାଭକଲେ । ସେଠାରେ ରାମକଥାର ଚର୍ଚ୍ଚା ଚାଲି ଥାଏ । ସେଠାରୁ ସେ କାଶୀ ଚାଲି ଆସି ପ୍ରହଲ୍ଲାଦ ଘାଟ ନିକଟରେ, ଜଣେ ବ୍ରାହ୍ମଣଙ୍କ ଗୃହରେ ବାସ କଲେ । ସେଠାରେ ତାଙ୍କ କବିତ୍ୱର ସ୍ଫୁରଣହେଲା । ସେ ସଂସ୍କୃତରେ ପଦ୍ୟ ରଚନା ଆରମ୍ଭକଲେ କିନ୍ତୁ ଆଶ୍ଚର୍ଯ୍ୟ ଜନକ ଭାବେ ସେ ଦିନରେ ଯେଉଁ ପଦ ଗୁଡ଼ିକ ଲେଖନ୍ତି ରାତିରେ ତାହା ସବୁ ଲିଭି ଯାଏ । ଏମିତି ପ୍ରତିଦିନ ଘଟି ଚାଲେ । ସାତ ଦିନ ଗଲା । ଅଷ୍ଟମଦିନ ଭଗବାନ ଶଙ୍କର ଆସି ତାଙ୍କୁ ସ୍ୱପ୍ନରେ କହିଲେ,'ବତ୍ସ ତୁଳସୀ, ତୁମେ ଲୌକିକ ଭାଷାରେ ପଦ୍ୟ ରଚନା କର' । ତୁଳସୀ ନିଦରୁ ଉଠି ବସି ପଡ଼ି ଦେଖିଲେ, ସମ୍ମୁଖରେ ଉଭା ଭଗବାନ ଶଙ୍କର ଓ ମା' ପାର୍ବତୀ । ସେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଶଙ୍କର କହିଲେ, 'ତୁମେ ଅଯୋଧ୍ୟାକୁ ଚାଲି ଯାଅ । ସେହିଠାରେ ରହି ଅବଧି ଭାଷାରେ କାବ୍ୟ ରଚନା କର । ଆମ ଆଶୀର୍ବାଦରୁ ତୁମର କାବ୍ୟ କବିତା ସାମବେଦ ସମ ଫଳବତୀ ହେବ ।

ଭଗବାନ ଶିବଙ୍କ ନିର୍ଦ୍ଦେଶରେ, ତୁଳସୀ ଅଯୋଧ୍ୟା ଚାଲିଗଲେ । ସମ୍ବତ ୧୬୩୧, ସେବର୍ଷ ରାମନବମୀ ଦିନ ପ୍ରଭୁ ଶ୍ରୀରାମଙ୍କ ତ୍ରେତୟା ଯୁଗରେ ଜନ୍ମଦିନ ଯୋଗଭଳି ସମାନ ଯୋଗ ପଡ଼ିଥିଲା । ସେହିଦିନ ପ୍ରାତଃକାଳରେ ତୁଳସୀ ଦାସଙ୍କ ଲେଖନୀରୁ ଜନ୍ମ ନେଲା କଳିଯୁଗର ପରମମୋକ୍ଷଦାୟୀ ରାମକଥା କାବ୍ୟ 'ଶ୍ରୀରାମଚରିତ ମାନସ'। ମାନସ ଗ୍ରନ୍ଥକୁ ପରେ ଶ୍ରେଷ୍ଠ ଗ୍ରନ୍ଥର ମାନ୍ୟତା ଦେଇ, ସ୍ୱୟଂ ପ୍ରଭୁ କାଶୀ ବିଶ୍ୱନାଥ ସ୍ୱାକ୍ଷର କରି ଦେଲେ, 'ସତ୍ୟମ୍ ଶିବଂ ସୁନ୍ଦରମ୍' । ତୁଳସୀ ଦାସ ଥିଲେ ସ୍ୱୟଂ ମହାକବି ବାଲ୍ମୀକୀଙ୍କ ଅବତାର । ସେ ସମସ୍ତ ଜଗତକୁ ସୀତାରାମମୟ ବିଚାର କରୁଥିଲେ ଓ ଦେଖୁଥିଲେ । ତେଣୁ ନିଜେ ସେ କହିଛନ୍ତି, ସୀୟରାମ ମୟ ସାରା ଜଗ ଜାନି, କରହୁ ପ୍ରନାମ ଯୋରି ଯୁଗପାନି ।

କଥା ଗଲାଣି କେଉଁ କାଳରୁ କିନ୍ତୁ ଆଜି ବି କୋଟି କଣ୍ଠରେ ଗୁଞ୍ଜରିତ ହେଉଛି:-

ତୁଳସୀ ଦାସ ଚନ୍ଦନ ଘିସେ
ତିଲକ ଦେତ ରଘୁ ବୀର ॥

ମୋ -୭୬୯୩୦୯୧୯୭୧

# ସମ୍ ନର୍ସିଂ କଲେଜ ପକ୍ଷରୁ ଆନ୍ତର୍ଜାତୀୟ ସ୍ତନ୍ୟପାନ ସପ୍ତାହ ପାଳିତ

**ଭୁବନେଶ୍ୱର (ଭିଓଭି) :** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି) କ୍ୟାମ୍ପସ୍-୧ର ଶିଶୁ ସ୍ୱାସ୍ଥ୍ୟ ନର୍ସିଂ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସ୍ତନ୍ୟପାନ ସପ୍ତାହ ୨୦୨୬ ପରିପ୍ରେକ୍ଷୀରେ ଅଗଷ୍ଟ ୬ ଓ ୭ ତାରିଖ ଦୁଇ ଦିନ ଧରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ 'ବ୍ରେଷ୍ଟଫିଡିଂ ଫର ଏ ସଷ୍ଟେନେବଲ ଷ୍ଟାର୍ଟ ଇନ୍ ଲାଇଫ୍: ଷ୍ଟ୍ରେନ୍‌ଦେନ୍ ହ୍ୱାଟ ୱାର୍କ୍ସ' କୁ ଆଧାର କରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମର ପ୍ରଥମ ଦିନ ଅଗଷ୍ଟ ୬ ତାରିଖରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ଅନ୍ତର୍ଗତ ଶିଶୁରୋଗ ବିଭାଗର ଓପିଡିରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମା' ଓ ଶିଶୁମାନଙ୍କର ଯତ୍ନ ନେଉଥିବା ନର୍ସମାନଙ୍କୁ ସ୍ତନ୍ୟପାନର ଗୁରୁତ୍ୱ ଓ ଲାଭ ସଂପର୍କରେ ସଚେତନ କରାଯାଇଥିଲା।

ଦ୍ୱିତୀୟ ଦିନରେ ସମ୍ ନର୍ସିଂ କଲେଜରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ଏନ୍‌ସି କ୍ୟାମ୍ପସ୍-୧ର ଡିନ୍ ପ୍ରଫେସର (ଡାକ୍ତର) ସସ୍ମିତା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିଶୁ ସ୍ୱାସ୍ଥ୍ୟ ନର୍ସିଂ ବିଭାଗର ଅସୋସିଏଟ୍ ପ୍ରଫେସର ଶ୍ରୀମତୀ ରୁବି ପ୍ରଧାନ ପ୍ରସଙ୍ଗ ସଂପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସୋଆର ଉପଦେଷ୍ଟା ତଥା ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଅରଖିତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡାକ୍ତର ଆଦିତ୍ୟ ମହାପାତ୍ର ଏବଂ ଭୁବନେଶ୍ୱର ଏମ୍ସର ଶିଶୁରୋଗ ବିଭାଗର ମୁଖ୍ୟ ତଥା ପ୍ରଫେସର ଡାକ୍ତର ସମରେନ୍ଦ୍ର ମହାପାତ୍ର, ଯୋଗ ଦେଇଥିଲେ। ଏସ୍‌ଏନ୍‌ସିର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତୀ ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ। ଶିଶୁ ନର୍ସିଂ ବିଭାଗର ଅସିଷ୍ଟାଂଟ ପ୍ରଫେସର ଶ୍ରୀମତୀ ମନିଷା ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମର ପରବର୍ତୀ ପର୍ଯ୍ୟାୟରେ ଶିଶୁରୋଗ ଓ ନବଜାତ ଶିଶୁରୋଗ ବିଭାଗର ବିଶେଷଜ୍ଞମାନେ ଯୋଗ ଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ।

# ପତଞ୍ଜଳି ପକ୍ଷରୁ ଜଡ଼ିବୁଟି ଦିବସ ପାଳିତ

**କଟକ (ଭିଓଭି) :** ପତଞ୍ଜଳି ଯୋଗପୀଠ ପକ୍ଷରୁ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମଦିନକୁ ସାରାଦେଶରେ ଜଡ଼ିବୁଟି ଦିବସ ଭାବେ ପାଳନ କରାଯାଇଛି। ଏହି ଉପଲକ୍ଷେ ପତଞ୍ଜଳି କିଷାନ ସେବା ସମିତି ଆନୁକୂଲ୍ୟରେ ତେଲେଙ୍ଗାପେଣ୍ଠ ସ୍ଥିତ ଗାନ୍ଧୀ ସ୍ମୃତି ପୀଠ ଠାରେ ଜିଲ୍ଲା ସ୍ତରୀୟ ଜଡ଼ିବୁଟି ଦିବସ ପାଳିତ ହୋଇଯାଇଛି। ସହ ରାଜ୍ୟ ପ୍ରଭାରୀ ସୁନିଲ ଶର୍ମାଙ୍କ



ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିଶିର ଜେନା, ସ୍ୱାଧୀନଚେତା ମହାନ୍ତି, ପ୍ରସନ୍ନ ଭୂୟାଁ, ପ୍ରିୟବ୍ରତ ରାଉତରାୟ, ଆଶିଷ ହାଲଦାର, ପ୍ରମୋଦ ଦାଶ, ଭରତ ଶର୍ମା, ସ୍ୱରୂପ ସାହୁ, ସନ୍ତୋଷ ରାୟ, ମୁରଲୀଧର ଦାସ, ଦେବେନ୍ଦ୍ରନାଥ ବିଶ୍ୱାଳ, ବିଭୁତି ବେହେରା, ରୋହିତ ମହାକୁଡ଼, ଭିକାରୀ ଚରଣ ରାଉତ, ଭବତୋଷ ମହାନ୍ତି, ପାତିଆନନା, ସି ଏଚ୍ ବସନ୍ତା, ନିବେଦିତା ବେହେରା, ଅର୍ଚ୍ଚିତା ମହାନ୍ତି, ଦେବଲକ୍ଷ୍ମୀ ପଟ୍ଟନାୟକ ଓ ? ଶିବାଜୀ ସତ୍ୟ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ଔଷଧୀୟ ବୃକ୍ଷ ରୋପଣ ଓ ଚାରା ବଣ୍ଟନ କରାଯାଇଥିଲା। ନିମାଇଁ ଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ୧ମ ପୃଷ୍ଠାର ଅବଶିଷ୍ଟାଂଶ.... ସରଳତାର ପ୍ରତୀକ ରାଷ୍ଟ୍ରପତି...

ଏକ ଗମ୍ଭୀର ପ୍ରଶ୍ନ ପଚାରିବାକୁ ପଡ଼ିବ। ପ୍ରୋଟୋକଲ କାହା ପାଇଁ ?

ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ, ନିଶ୍ଚିତ ଭାବରେ। କିନ୍ତୁ ପ୍ରୋଟୋକଲର ଅର୍ଥ କ'ଣ ସାଧାରଣ ଲୋକଙ୍କୁ ଅସୁବିଧାରେ ପକେଇବା। ବେଳେବେଳେ ମନେ ହୁଏ, ଆମ ପ୍ରଶାସନିକ ବ୍ୟବସ୍ଥାରେ 'ସୁରକ୍ଷା' ଶବ୍ଦଟିକୁ ଏତେ ବଡ଼ କରି ଦେଖାଯାଉଛି ଯେ 'ଜନସୁବିଧା' ତାହାର ଛାୟାରେ ହଜିଯାଉଛି। ଏହା ରାଷ୍ଟ୍ରପତିଙ୍କ ଦୋଷ ନୁହେଁ। ଏହା ଆମ ବିଚିତ୍ର ବ୍ୟବସ୍ଥାର ଦୋଷ। ପ୍ରଥମ ନାଗରିକଙ୍କ ସମ୍ମାନ ରହୁ, ସାଧାରଣ ନାଗରିକଙ୍କ ଅଧିକାର ମଧ୍ୟ ରହୁ। ରାଷ୍ଟ୍ରପତିଙ୍କ ସୁରକ୍ଷାରେ ଗୋଟିଏ ମାତ୍ର ତ୍ରୁଟି ମଧ୍ୟ ଗ୍ରହଣୀୟ ନୁହେଁ। ଏହା ଦେଶର ଗୌରବ ଓ ସୁରକ୍ଷାର ପ୍ରଶ୍ନ। କିନ୍ତୁ ସେହି ସମୟରେ ଜଣେ ଛାତ୍ରର ପରୀକ୍ଷା, ଜଣେ ଯୁବକର ଇଣ୍ଟରଭ୍ୟୁ, ଜଣେ ରୋଗୀଙ୍କ ଚିକିତ୍ସା, ଜଣେ କର୍ମଚାରୀଙ୍କ ଅଫିସ, ଜଣେ ବ୍ୟବସାୟୀଙ୍କ ବ୍ୟବସାୟ କିମ୍ବା ଜଣେ ପରିବାରର ଜରୁରୀ ଯାତ୍ରା, ଏସବୁ ମଧ୍ୟ ଜଣେ ନାଗରିକଙ୍କ ଜୀବନରେ ସମାନ ଭାବରେ ମୂଲ୍ୟବାନ। ଜଣେ ରାଷ୍ଟ୍ରପତି ଦେଶର ପ୍ରଥମ ନାଗରିକ। କିନ୍ତୁ ସାଧାରଣ ନାଗରିକ ହେଉଛନ୍ତି ଗଣତନ୍ତ୍ରର ମୂଳ ଭିତ୍ତି। ତେଣୁ ଗୋଟିଏର ସୁରକ୍ଷା ନିଶ୍ଚିତ କରିବାକୁ ଯାଇ ଅନ୍ୟଟିର ଅଧିକାରକୁ ଅବହେଳା କରାଯିବା ଜମା ଉଚିତ ନୁହେଁ। ରାଷ୍ଟ୍ରପତିଙ୍କ ଜୀବନ ଆମକୁ ଗୋଟିଏ ବଡ଼ ଶିକ୍ଷା ଦିଏ, ପଦ ବଡ଼ ହେଲେ ମଧ୍ୟ ମଣିଷ ମାଟିଠାରୁ ଦୂରେଇବା ଆବଶ୍ୟକ ନୁହେଁ। ସେ ଯଦି ନିଜ ସରଳତା ଓ ନିରାଡ଼ମ୍ବରତାର ଉଦାହରଣ ଦେଇପାରନ୍ତି, ତେବେ ତାଙ୍କ ନାମରେ କାର୍ଯ୍ୟକ୍ରମ କରୁଥିବା ପ୍ରଶାସନ ମଧ୍ୟ ସେହି ସରଳତାର ଆତ୍ମାକୁ ବୁଝିବା ଆବଶ୍ୟକ। ଦେଶର ପ୍ରଥମ ନାଗରିକ ସାଧାରଣ ଲୋକଙ୍କ ଯାତାୟାତର ମାଧ୍ୟମକୁ ବାଛିଲେ, ଏହା ଏକ ଗର୍ବର ବିଷୟ। କିନ୍ତୁ ଯଦି ସେହି ଯାତ୍ରା ପାଇଁ ଅନ୍ୟ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରନ୍ତି, ନିଜ ଗନ୍ତବ୍ୟରେ ସମୟରେ ପହଞ୍ଚିପାରନ୍ତି ନାହିଁ, ଅତିରିକ୍ତ ଅର୍ଥ ଖର୍ଚ୍ଚ କରନ୍ତି ଏବଂ ମାନସିକ ଯନ୍ତ୍ରଣା ଭୋଗନ୍ତି, ତେବେ ଏହାର ସମାଧାନ ଖୋଜିବା ମଧ୍ୟ ପ୍ରଶାସନର କର୍ତ୍ତବ୍ୟ। କାରଣ ଗଣତନ୍ତ୍ରରେ ରାଷ୍ଟ୍ରପତିଙ୍କ ମର୍ଯ୍ୟାଦା ଓ ସୁରକ୍ଷା ଯେତିକି ମହତ୍ତ୍ୱପୂର୍ଣ୍ଣ, ଜନସାଧାରଣଙ୍କ ସମୟ, ସୁବିଧା ଓ ସମ୍ମାନ ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ। ଏହି ଦୁଇଟି ମଧ୍ୟରେ ସନ୍ତୁଳନ ରକ୍ଷା କରିପାରିଲେ ହିଁ ଆମେ କହିପାରିବା, ପ୍ରୋଟୋକଲ ମଧ୍ୟ ରହିଲା, ମାନବିକତା ମଧ୍ୟ ବଞ୍ଚିଲା।

# ଦଲାଲଙ୍କ କବ୍‌ଜାରେ ରଣପୁର ତହସିଲ କାର୍ଯ୍ୟାଳୟ

**ରଣପୁର (ଭିଓଭି):** ଦୀର୍ଘ ଦିନ ଧରି ରଣପୁର ତହସିଲ କାର୍ଯ୍ୟାଳୟ ଦଲାଲଙ୍କ କବ୍‌ଜାରେ ରହିଥିବା ବେଳେ ଏହାଉପରେ ନିର୍ଭରକରୁଥିବା ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଏନେଇ ଜିଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରି ଆସୁଥିଲେହେଁ କୌଣସି ପ୍ରତିକାର ହେଉନଥିବା ଚର୍ଚ୍ଚା ହେଉଛି। ତେବେ ଛାତ୍ରଛାତ୍ରୀଙ୍କ ଚାକିରୀ ଆବେଦନ, ଉଚ୍ଚଶିକ୍ଷା ନିମନ୍ତେ ନାମ ଲେଖା ଆଦି କ୍ଷେତ୍ରରେ ଛାତ୍ରଛାତ୍ରୀ ମାନେ ବାସସ୍ଥାନ, ଜାତିଗତ ପ୍ରମାଣ ପତ୍ର, ବାର୍ଷିକ ଆର୍ଥିକ ପ୍ରମାଣ ପତ୍ର ଓ ନାନାଦି ପ୍ରମାଣ ପତ୍ର ମାନ ନିତ୍ୟାନ୍ତ ଆବଶ୍ୟକ ଥିବା ସ୍ଥଳେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ରେ ଆବେଦନ କରିଥାନ୍ତି। କିନ୍ତୁ ସ୍ୱତନ୍ତ୍ରଭାବେ ନିୟୋଜିତ କିଛି ଦଲାଲ୍ କର୍ମଚାରୀଙ୍କୁ ହାତବାରିସି କରି ମନଇଛା ପ୍ରାପ୍ୟ ନେଇ ହିତାଧିକାରୀମାନଙ୍କୁ ଶୋଷଣ କରି ଆସୁଛନ୍ତି। ସେହିପରି ଦଲାଲମାନଙ୍କୁ କାମ ଯୋଗାଇବା ଉଦେଶ୍ୟରେ ତହସିଲ କର୍ମଚାରୀ ମାନେ ବିଭିନ୍ନ ଆଳ ଦେଖାଇ ସମୟ ଘୁଚାଂଉଛନ୍ତି । ଫଳରେ ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଦଲାଲ୍ ମାନଙ୍କ ରାଜ୍ ଚରମ ସୀମାରେ ପହଚିଂଥିବା ବେଳେ ଜନ ଅସନ୍ତୋଷ ବଢିବାରେ ଲାଗିଛି। ସେହିପରି ଜମିଜମା ସଂପର୍କୀତ ହିତାଧୀକାରୀମାନେ ମଧ୍ୟ ଅନେକ ସମୟରେ ଦାଖଲ ଖାରଜ କ୍ଷେତ୍ରରେ ଦଲାଲ୍ ମାନଙ୍କ ସହାୟତା ଲୋଡୁଥିବା ଜଣାଯାଇଛି। ଏପରିକି ବେଆଇନ୍ ଅନଲାଇନ୍ କାଉଟଂରରେ ଏହି ଦଲାଲମାନେ ସଂସ୍ଲିଷ୍ଟ ରହିବା ସାଙ୍ଗକୁ ଉକ୍ତ କାଉଟଂର ମାନଙ୍କ ମାଧ୍ୟମରେ ନାନାଦି କାମ ହାତେଇ ନେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଜମିଜମା ମ୍ୟୁଟେସନ୍, ରଷ ଜମିକୁ ଘରବାରୀ ପଟ୍ଟାରେ ରୁପାନ୍ତର କରିବା କ୍ଷେତ୍ରରେ ଏହି ଦଲାଲ୍‌ମାନେ ହିତାଧିକାରୀ ମାନଙ୍କୁ ଶୋଷଣ କରି ମାଲେମାଲ୍ ହେଉଥିବା ଦେଖିବାକୁ ମିଳୁଛି। ଏହି ତହସିଲ କାର୍ଯାଳୟରେ ଅତିତରେ ୫ଜଣ କର୍ମଚାରୀ ଭିଜିଲାନସ୍ ହାତରେ ଧରାପଡି ଜେଲ୍ ଯାଇଥିବା ବେଳେ ଏଥିରୁ ଜିଲ୍ଲା ପ୍ରଶାସନ କିଛି ବି ଶିକ୍ଷା କରୁନଥିବା ଚର୍ଚ୍ଚା ହେଉଛି। ତୁରନ୍ତ ଏହାର ପ୍ରତିକାର କରିବାକୁ ପ୍ରଶାସନିକ ଅଧିକାରୀଙ୍କୁ ସାଧାରଣରେ ଦାବୀ ହେଉଛି । ତେବେ ଏହାର ପ୍ରତିକାର କରାଯିବ ବୋଲି ତହସିଲଦାର କହିଛନ୍ତି।

## ମୁକେଇମାଳିରେ ଚୁଆ ପାଣି ଭରସା

# ସ୍ୱାଧୀନତାର ୭୯ ବର୍ଷ ପରେ ବି ମିଳୁନି ପାନୀୟ ଜଳ

**ରଣପୁର (ସୁରେଶ ମହାରଣା):** ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ରଣପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ଧମୁଣ୍ଡା ପଞ୍ଚାୟତର ମୁକେଇମାଳି ଗ୍ରାମବାସୀଙ୍କ ପାଇଁ ସୁରକ୍ଷିତ ପାନୀୟ ଜଳ ଏବେ ବି ସ୍ୱପ୍ନ ପାଲଟିଛି। ଗ୍ରାମର ପ୍ରାୟ ୫୦ରୁ ୬୦ ପରିବାର ଦୀର୍ଘଦିନ ଧରି ଗହୀର ମଝିରେ ଥିବା ଏକ ଚୁଆ ଉପରେ ନିର୍ଭରଶୀଳ ହୋଇ ରହିଛନ୍ତି।

ବର୍ତ୍ତମାନ ସାରା ରାଜ୍ୟର ବିଭିନ୍ନ ଅଞ୍ଚଳ ବନ୍ୟା ପାଣିରେ ପ୍ରଭାବିତ ହୋଇଥିବା ବେଳେ ମୁକେଇମାଳି ଗ୍ରାମବାସୀ କିନ୍ତୁ ପାନୀୟ ଜଳର ଅଭାବ ସହ ସଂଘର୍ଷ କରୁଛନ୍ତି।



ଗ୍ରାମରେ ସରକାରଙ୍କ ପକ୍ଷରୁ ରହିଥିବା ଏକମାତ୍ର ନଳକୂପଟି ଦୀର୍ଘଦିନ ହେଲା ଅଚଳ ହୋଇ ପଡ଼ିଛି। ଏହାକୁ ମରାମତି କରିବା ପାଇଁ ଗ୍ରାମବାସୀ ବାରମ୍ବାର ସରକାରୀ କର୍ମଚାରୀଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ନଳକୂପ ଅଚଳ ହୋଇଯିବା ପରେ ଗହୀର ମଝିରେ ଥିବା ଚୁଆଟି ହିଁ ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳର ଏକମାତ୍ର ଭରସା ପାଲଟିଛି। ଖରାଦିନେ ଚୁଆରେ ଜମିଥିବା ମଇଳା ପାଣିକୁ ବାହାର କରିବା ପରେ ଝରରୁ ଆସୁଥିବା ପାଣି ସଂଗ୍ରହ କରି ଲୋକେ ପିଉଛନ୍ତି। ଆଉ ବର୍ଷାଦିନେ ଲୁଗାକାନିରେ ପାଣି ଛାଣି ପିଇବାକୁ ପଡୁଛି।

ଏହି ଅସୁରକ୍ଷିତ ପାଣି ପିଇବା ଯୋଗୁଁ ଗ୍ରାମରେ ଝାଡ଼ା, ବାନ୍ତି, ଜଣ୍ଡିସ୍ ? ସମେତ ବିଭିନ୍ନ ଜଳବାହିତ ରୋଗ ବ୍ୟାପୁଥିବା ଅଭିଯୋଗ ହୋଇଛି। ଗୋଟିଏ ଚୁଆରୁ ମଣିଷଙ୍କ ସହ ଗାଈଗୋରୁ ଓ ଅନ୍ୟ ପଶୁପକ୍ଷୀ ମଧ୍ୟ ପାଣି ପିଉଥିବାରୁ ଏହା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି। ଗ୍ରାମର ମହିଳା ଜୟନ୍ତୀ ଦେଇ କ୍ଷୋଭ ପ୍ରକାଶ କରି କହିଛନ୍ତି, "ସେଇ ସମାନ ଚୁଆରୁ ମଣିଷ ଓ ପଶୁପକ୍ଷୀ, ଘରୋଇ ଗାଈଗୋରୁ ସମସ୍ତେ ପାଣି ପିଉଛୁ।" ନିର୍ବାଚନ ସମୟରେ ପାନୀୟ ଜଳ ସମସ୍ୟା ଦୂର କରିବା ନେଇ ନେତାନେତ୍ରୀଙ୍କଠାରୁ ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ନିର୍ବାଚନ ପରେ ସେହି ପ୍ରତିଶ୍ରୁତି ପୂରଣ ହେଉନଥିବା ନେଇ ସେ ମନଦୁଃଖ ପ୍ରକାଶ କରିଛନ୍ତି।

ଏକ ପଟେ ସୁରକ୍ଷିତ ପାନୀୟ ଜଳ ଯୋଗାଣ ନେଇ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ମୁକେଇମାଳି ଗ୍ରାମର ଏହି ଚିତ୍ର ଯୋଜନାର ବାସ୍ତବ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଛି। ଏକ ନଳକୂପ ମରାମତି ହୋଇପାରୁନଥିବାରୁ ଶତାଧିକ ଲୋକଙ୍କୁ ଦୂଷିତ ଚୁଆ ପାଣି ଉପରେ ନିର୍ଭର କରିବାକୁ ପଡୁଛି। ମୁକେଇମାଳି ଗ୍ରାମବାସୀଙ୍କ ଏହି ମୌଳିକ ସମସ୍ୟା ପ୍ରତି ବିଧାୟିକା ତଥା ବାଚସ୍ପତି ସୁରମା ପାଢୀ ଏବଂ ସମ୍ପୃକ୍ତ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅଚଳ ନଳକୂପକୁ ମରାମତି କରିବା ସହ ସ୍ଥାୟୀ ଭାବେ ସୁରକ୍ଷିତ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦାବି କରିଛନ୍ତି।

## ସଂପାଦକୀୟ

# ବୟସ୍କଙ୍କୁ ସମ୍ମାନ

## ସଭ୍ୟତାର ପ୍ରକୃତ ମାପକାଠି

ଗତ ଦୁଇଦିନ ଭିତରେ ଦୁଇଟି ଚିତ୍ର ମନକୁ ହଲଚଲ କରିଦେଲା। ହରିୟାଣାର ସୋନିପତର ଏକ ବୃଦ୍ଧାଶ୍ରମରେ ଇହଧାମ ପରିତ୍ୟାଗ କରିଥିବା ଶିବଚରଣ ରାମରତନ ଗୁପ୍ତାଙ୍କ ଅନ୍ତିମ ସଂସ୍କାର ପାଇଁ ରାଜ୍ୟ ବାହାରେ ରହୁଥିବା ନିଜର ବିବାହିତ ଓ ପ୍ରତିଷ୍ଠିତ ତିନି ଝିଅ ଯୋଗ ନଦେଇ ଭିଡିଓ କଲ୍‌ରେ ଅନ୍ତିମ ସଂସ୍କାରର ଦୃଶ୍ୟ ଦେଖିବା ସହିତ ୫,୧୦୦ଟଙ୍କା ବୃଦ୍ଧାଶ୍ରମ କର୍ତ୍ତୃପକ୍ଷଙ୍କୁ ପଠାଇ ଦେଇଥିଲେ। ସବୁଠାରୁ ଦୁଃଖର ବିଷୟ ଏହା ଯେ ଅନ୍ତିମ ସଂସ୍କାର ଚାଲିଥିବା ସମୟରେ ଆଉ କେତେ ସମୟ ଏହା ଚାଲିବ କାରଣ ଆମେ ନିଜର ନିତ୍ୟକର୍ମ ସାରିବାର ଅଛି ବୋଲି କହୁଥିଲେ। ଅନ୍ୟଟି ଦେଶ ବାହାର ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ ଉପକଣ୍ଠ ନୋନ୍ଥାବୁରି ଅଞ୍ଚଳର ଏକ ୧୪ ବର୍ଷିଆ ନବମ ଶ୍ରେଣୀର ଛାତ୍ର ପ୍ରଥମେ ଘରେ ତା'ର ଜେଜେ ବାପା ଓ ମାଆଙ୍କୁ ଗୁଳି କରି ହତ୍ୟା କରିବା ପରେ ନିଜ ସ୍କୁଲର ୩ଜଣ ଶିକ୍ଷକ ଓ ୩ଜଣ ଛାତ୍ରଙ୍କୁ ମିଶାଇ ମୋଟ ୮ ଜଣଙ୍କୁ ହତ୍ୟା କରିଦେଲା। ଆଜିର ଆଲେଖ୍ୟ ସେହି ମନ ହଲଚଲର ପ୍ରତିଫଳନ। ସଭ୍ୟତାର ଅଗ୍ରଗତି କେବଳ ଆକାଶଛୁଆଁ ଅଟ୍ଟାଳିକା, ଅତ୍ୟାଧୁନିକ ପ୍ରଯୁକ୍ତି କିମ୍ବା ଅର୍ଥନୈତିକ ଅଭିବୃଦ୍ଧିରେ ମପାଯାଏ ନାହିଁ। ଏକ ସମାଜ କେତେ ସଭ୍ୟ, ତାହାର ପ୍ରକୃତ ପରିଚୟ ମିଳେ ସେହି ସମାଜ ନିଜର ବୟସ୍କମାନଙ୍କୁ କିପରି ସମ୍ମାନ ଦିଏ, ସେମାନଙ୍କ ଅନୁଭବକୁ କେତେ ମୂଲ୍ୟ ଦିଏ ଏବଂ ସେମାନଙ୍କ ଜୀବନର ଶେଷ ପର୍ଯ୍ୟାୟକୁ କେତେ ମର୍ଯ୍ୟାଦାପୂର୍ଣ୍ଣ କରିପାରେ। ମୁଁ ମୋର ପିଲାଦିନେ ପଢ଼ିଥିବା "The Land Where There Were No Old Men' କାହାଣୀଟି ଆଜି ଏକ କଠୋର ବାସ୍ତବତାର ରୂପ ନେଉଛି। ଆଜି ସେ କାହାଣୀ ମତେ ଆକ୍ରାମାକ୍ରା କରିଦେଉଛି। କାହାଣୀର ଶିକ୍ଷା ଥିଲା ଖୁବ ସରଳ, ବୟସ୍କମାନେ କେବଳ ପରିବାରର ସଦସ୍ୟ ନୁହଁନ୍ତି; ସେମାନେ ଅନୁଭବର ଅକ୍ଷୟ ଭଣ୍ଡାର। ସେମାନଙ୍କୁ ହରାଇବା ମାନେ ଏକ ପିଢ଼ିର ସ୍ମୃତି, ପରମ୍ପରା ଓ ପ୍ରଜ୍ଞାକୁ ହରାଇବା। ଦୁଃଖର ବିଷୟ, ଆଜିର ବ୍ୟସ୍ତ ଜୀବନରେ ଆମେ ସେହି ମହତ ଶିକ୍ଷାକୁ ଭୁଲିବାକୁ ବସିଛୁ। ପରିବାର ଭିତରେ ବୟସ୍କଙ୍କ ସ୍ଥାନ କ୍ରମଶଃ ସଂକୁଚିତ ହେଉଛି। ସମୟର ଅଭାବ, ଆଧୁନିକ ଜୀବନଶୈଳୀ ଓ ସ୍ୱାର୍ଥକେନ୍ଦ୍ରିକ ଚିନ୍ତାଧାରା ସେମାନଙ୍କୁ ଏକାକୀ କରିଦେଉଛି। ଯେଉଁ ହାତ ଧରି ଆମେ ଚାଲିବା ଶିଖିଲୁ, ଆଜି ସେହି ହାତ ଧରିବାକୁ ଆମ ପାଖରେ ଆଦୌ ସମୟ ନାହିଁ। ଏହା କେବଳ କୃତଘ୍ନତା ନୁହେଁ; ଏହା ଆମ ସାମାଜିକ ଜୀବନ ଓ ଚେତନାର ଅବକ୍ଷୟ। ବୟସ୍କଙ୍କ ଯତ୍ନ ନେବାର ଅର୍ଥ କେବଳ ଔଷଧ କିଣିଦେବା କିମ୍ବା ଖାଦ୍ୟ ପରିବେଷଣ କରିବା ନୁହେଁ। ସେମାନଙ୍କ ସହ ବସି କିଛି ସମୟ କଥା ହେବା, ଛୋଟ ପିଲାଙ୍କ ପରି ସ୍ନେହ ଦେବା, ସେମାନଙ୍କ ହସର କାରଣ ହେବା ଏବଂ ସେମାନଙ୍କ ମନର କଥା ଶୁଣିବା ହିଁ ପ୍ରକୃତ ସେବା। ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା, ନିୟମିତ ଡାକ୍ତରୀ ପରାମର୍ଶ କରାଇବା ଏବଂ ଆବଶ୍ୟକତା ବେଳେ ସେମାନଙ୍କ ପାଖରେ ଛିଡ଼ାହେବା ପ୍ରତ୍ୟେକ ପରିବାରର ନୈତିକ ଦାୟିତ୍ୱ। ଏହାଠାରୁ ବଡ଼ କଥା ହେଉଛି, ପରିବାରର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ସେମାନଙ୍କ ମତାମତକୁ ସମ୍ମାନ ଦେବା। ଜୀବନର ଦୀର୍ଘ ଯାତ୍ରାରେ ଅର୍ଜିତ ଅନୁଭବ କୌଣସି ବିଶ୍ୱବିଦ୍ୟାଳୟ ଶିଖାଇପାରେ ନାହିଁ। ସଙ୍କଟ ସମୟରେ ସେମାନଙ୍କ ଗୋଟିଏ ପରାମର୍ଶ ଅନେକ ଜଟିଳ ସମସ୍ୟାର ସମାଧାନ କରିପାରେ। ଯେଉଁ ପରିବାର ନିଜର ବୟସ୍କଙ୍କ ଅନୁଭବକୁ ଅବହେଳା କରେ, ସେ ପରିବାର ବାରମ୍ବାର ସେହି ଭୁଲର ପୁନରାବୃତ୍ତି କରିବାକୁ ବାଧ୍ୟ ହୁଏ। ଆଜି ଆବଶ୍ୟକ ହେଉଛି ନୂଆ ଏକ ସାମାଜିକ ଚେତନାର। କାରଣ ବୃଦ୍ଧାଶ୍ରମର ସଂଖ୍ୟା ବଢ଼ିବା କୌଣସି ସମାଜର ସଫଳତାର ପ୍ରତୀକ ନୁହେଁ; ବରଂ ପରିବାରିକ ମୂଲ୍ୟବୋଧ କ୍ଷୟ ହେବାର ସତର୍କ ସଙ୍କେତ। ଯେଉଁ ଘରେ ବୟସ୍କଙ୍କ ହସ ଶୁଭେ, ସେହି ଘରେ ଆଶୀର୍ବାଦ, ସଂସ୍କାର ଓ ସୁଖର ବାସ ହୁଏ। ଆଉ ଯେଉଁ ସମାଜ ବୟସ୍କଙ୍କୁ ଅବହେଳା କରେ, ସେ ସମାଜ ନିଜର ଭବିଷ୍ୟତକୁ ନିଜେ ଦୁର୍ବଳ କରେ। ସମୟ ଆସିଛି, ଆମେ ପୁଣିଥରେ ସେହି ପୁରୁଣା କାହାଣୀର ଶିକ୍ଷାକୁ ମନେ ପକାଇବା ପାଇଁ। କାରଣ ଘରର ବୟସ୍କମାନେ ଅତୀତର ଅବଶେଷ ନୁହେଁ, ସେମାନେ ଭବିଷ୍ୟତର ପଥପ୍ରଦର୍ଶକ। ସେମାନଙ୍କ ଅନୁଭବକୁ ସମ୍ମାନ ଦେବା, ସେମାନଙ୍କ ହାତକୁ ଧରିବା ଏବଂ ସେମାନଙ୍କ ଜୀବନକୁ ମର୍ଯ୍ୟାଦା ଦେବା ହିଁ ଆମର ସଂସ୍କୃତି, ଆମର ଦାୟିତ୍ୱ ଓ ଆମର ସଭ୍ୟତାର ସବୁଠାରୁ ବଡ଼ ପରିଚୟ।

# ନୀଟ୍ : ମେଧା, ମର୍ଯ୍ୟାଦା ଓ ଭବିଷ୍ୟତର ପରୀକ୍ଷା



ବିମଳ ଅଗ୍ରୱାଲ




ନିଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଜନ୍ତରମନ୍ତର ଆନ୍ଦୋଳନ ସଫଳ ହେଲାପରେ ଝାରଖଣ୍ଡ, କର୍ଣାଟକ, ପଞ୍ଜାବ, ରାଜସ୍ଥାନ, ବିହାର , ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଆଦି ରାଜ୍ୟମାନଙ୍କରେ ସମାନ ପ୍ରସଙ୍ଗରେ ଯୁବସମାଜ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି । ଏଥିରେ ରାଜସ୍ଥାନ , ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାର ଭାଜପା ଶାସିତ ହୋଇଥିଲାବେଳେ କର୍ଣାଟକରେ କଂଗ୍ରେସ, ଝାଡଖଣ୍ଡରେ ଜେଏମ୍ଏମ୍ କଂଗ୍ରେସ ମେଣ୍ଟ, ପଞ୍ଜାବରେ ଆପ୍ ଦଳ ସରକାରରେ ଅଛନ୍ତି। ଏଥିରୁ ଏହି ପ୍ରସଙ୍ଗ ଦଳ ମତ ନିର୍ବିଶେଷରେ ସମଗ୍ର ଦେଶକୁ ପ୍ରଭାବିତ କରୁଥିବାର ସାଙ୍ଘାତିକ ପ୍ରମାଣ ସାମନାକୁ ଆସୁଛି।

ପୃଷ୍ଠଭୂମି , ପରିସଂଖ୍ୟାନ ଓ ପ୍ରମାଣର ଗୋଲକଧନ୍ଦାରେ ନପଡି ଜଣେ ସାଧାରଣ ନାଗରିକ ଦୃଷ୍ଟିରେ ଏହାର ମୋଟାମୋଟି କାରଣ ସମ୍ପର୍କରେ ଆଲୋଚନା କରିବା।

୧ – ସମସ୍ତ ପ୍ରକାର ଅବ୍ୟବସ୍ଥାର ଚର୍ଚ୍ଚା ସରକାରୀ ଶିକ୍ଷାବ୍ୟବସ୍ଥାକୁ ନେଇ ହେଉଛି।

୨ – ଆମ ଦେଶର ଲୋକସଂଖ୍ୟାର ପ୍ରାୟ ୬୦% ଲୋକଙ୍କର ବୟସ ୩୫ ବର୍ଷରୁ କମ୍। ଅର୍ଥାତ୍ ଆମଦେଶ ଏକ ଯୁବକମାନଙ୍କର ଦେଶ।

୩– ଆମ ଦେଶରେ ସରକାରୀ ଚାକିରୀ ପାଇଁ ଏକ ଅହେତୁକ ଆକର୍ଷଣ ରହିଛି ଏବଂ ଦେଶର ଯୁବସମାଜର ଆକାର ତୁଳନାରେ ସରକାରୀ ଚାକିରୀର ସଂଖ୍ୟା ସମୁଦ୍ରକୁ ଶଙ୍ଖେ ଭଳି।

୪– ଆମ ଦେଶର ବେସରକାରୀ ଅନୁଷ୍ଠାନ ମାନଙ୍କର ମଧ ରୋଜଗାର ଦେବା କ୍ଷମତା ସିମୀତ। ଅଧିକାଂଶ ଉଚ୍ଚ ମେଧାସମ୍ପନ୍ନ ଯୁବକ ଉଚ୍ଚ ବେତନ ଓ ଆକର୍ଷଣୀୟ ଜୀବନମାନ ପାଇଁ ବିଦେଶ ଚାଲି ଯାଉଛନ୍ତି ଏବଂ ଅନ୍ୟ ଏକ ବଡ ମେଧାବୀ ଗୋଷ୍ଠୀ ବେସରକାରୀ ଅନୁଷ୍ଠାନମାନଙ୍କୁ ପସନ୍ଦ କରୁଛନ୍ତି।

୫– ଯଦିଓ ଦକ୍ଷତା ବିକାଶର ଡିଣ୍ଡିମ ପିଟାଯାଉଛି ଆମ ଶିକ୍ଷାବ୍ୟବସ୍ଥା ବ୍ୟକ୍ତିର ସହଜାତ ଦକ୍ଷତା ବୃଦ୍ଧିରେ ସହାୟକ ହେଉନାହିଁ। ଦେଶର ସିଂହଭାଗ ଛାତ୍ରଛାତ୍ରୀ ନିର୍ଭର କରୁଥିବା ସରକାରୀ ଶିକ୍ଷା ବ୍ୟବସ୍ଥାରେ ଯାବତୀୟ ସଂସ୍କାରର ପ୍ରଚାର ସତ୍ୱେ ଆମ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରଚଳିତ ଗତାନୁଗତିକ ପାଠ୍ୟ ଖସଡା ସମ୍ପ୍ରତି ବିଶ୍ୱ କାର୍ଯ୍ୟ ଜଗତରେ ଆବଶ୍ୟକ ଦକ୍ଷତା ସୃଷ୍ଟି କରିବାରେ ଅକ୍ଷମ ହେଉଛି।

୬–ଯେଉଁ ସ୍ଥାନରେ କିଛି କିଛି ନୁଆ ନୁଆ ବୈଷୟିକ ପାଠ୍ୟକ୍ରମ ପ୍ରଥମ କରି ପ୍ରବର୍ତ୍ତନ କରାଯାଉଛି ତାହା ଅଧିକାଂଶତଃ ସ୍ୱୟଂ-ବିତ୍ତପୋଷିତ (Self-financing) ହୋଇଥିବାରୁ ଏବଂ ବେସରକାରୀ ଶିକ୍ଷା ବ୍ୟବସ୍ଥା ବହୁ ମହଙ୍ଗା ହୋଇଥିବାରୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଇଁ ଏହା ସୁଲଭ (Affordable) ହୋଇପାରୁନାହିଁ। ଫଳରେ ଅଧିକାଂଶ ଗରିବ ମେଧାବୀ ଛାତ୍ରଛାତ୍ରୀ ଉଚ୍ଚ ତଥା ବୈଷୟିକ ପାଠରୁ ବଞ୍ଚିତ ହେଉଛନ୍ତି।

୭– ମାନବସମ୍ବଳ ଓ ନିର୍ମାଣ ସର୍ବାଧିକ ମହତ୍ୱପୁର୍ଣ ଭୁମିକା ଗ୍ରହଣ କରୁଥିବା ଶିକ୍ଷା କ୍ଷେତ୍ର ପାଇଁ ଆମ ଦେଶର ବଜେଟ ବ୍ୟବସ୍ଥାରେ ଅନୁଦାନ ନୈରାଶ୍ୟଜନକ ଭାବେ ହାରାହାରି ୩ % । ଏହି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କ୍ରମାଗତ ସରକାରୀ ଉଦାସୀନତା ଏହି କ୍ଷେତ୍ରରେ ବେସରକାରୀ ପୁଞ୍ଜିପତିମାନେ କେବଳ ପୁଞ୍ଜିଲଗାଣ କରି ମୁନାଫା ରୋଜଗାରର ପନ୍ଥା ଭାବେ ଧରିନେଇଛନ୍ତି।

୮– ଭିତ୍ତିଭୂମି , ପାଠ୍ୟକ୍ରମ , ଶିକ୍ଷାଦାନ ପ୍ରଣାଳୀ ଆଦିକୁ ବିଚାରକୁ ନେଲେ ପ୍ରଚଳିତ ଶିକ୍ଷା ପଦ୍ଧତି ସମାନତାର ଅଧିକାରକୁ ହନନ କରୁଛି। ଏହା ସମାଜକୁ ବିଭିନ୍ନ ବର୍ଗରେ ବିଭକ୍ତ କରି ଅଶାନ୍ତି ଓ ଉତ୍ତେଜନା ସୃଷ୍ଟି କରୁଛି।

ଏସବୁ ପୃଷ୍ଠଭୁମିରେ ଦେଶର ଶିକ୍ଷା ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଗଠନଗତ ଓ କାର୍ଯ୍ୟକାରିତା ସମ୍ବନ୍ଧୀୟ (Structural & Functional) ପରିବର୍ତ୍ତନ ଆଣିବାର ପ୍ରୟୋଜନ ଦେଖାଦେଇଛି। ସର୍ବପ୍ରଥମେ ମାନବସମ୍ବଳ ବିକାଶ ତଥା ରାଷ୍ଟ୍ରଗଠନର ଆଧାରଶିଳା ଭାବେ ଗ୍ରହଣ କରାଯାଇ ଏହାକୁ ସୁଲଭ,ସାର୍ବଜନୀନ କରିବାକୁ ହେଲେ ଏହାର ସମ୍ପୂର୍ଣ୍ଣ ରାଷ୍ଟ୍ରୀୟକରଣ କରାଯିବାର ଆବଶ୍ୟକତା ରହିଛି।

ଏହା ଶିକ୍ଷାର ବ୍ୟବସାୟୀକରଣକୁ ରୋକିବା ସଙ୍ଗେ ସଙ୍ଗେ ସମସ୍ତ ବର୍ଗର ପିଲା ଗୋଟିଏ ପ୍ରକାର ବ୍ୟବସ୍ଥାରେ ରହିବା ଯୋଗୁଁ ଶାସନ ଓ ପ୍ରଶାସନକୁ ଅଧିକ ସକ୍ରିୟ, ସମ୍ବେଦନଶୀଳ ଓ ଉତ୍ତରଦାୟୀ କରିବାରେ ସକ୍ଷମ ହେବ। ଭିତ୍ତିଭୁମିର ବିକାଶ ଏବଂ ଆଧୁନିକିକରଣ ପାଇଁ ଶିକ୍ଷା କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ବଜେଟରେ ବିତ୍ତୀୟ ଅନୁଦାନ ଅତି କମରେ ୬–୭%କୁ ବୃଦ୍ଧି କରାଯିବା ଦରକାର।

ଆବଶ୍ୟକ ସ୍ଥଳେ ଉଭୟ ସରକାରୀ ଓ ବେସରକାରୀ କମ୍ପାନୀମାନଙ୍କର ସି ଏସ୍ ଆର୍ ପାଣ୍ଠି, ଏମ୍ ଏଲ୍ ଏ ଓ ଏମ୍ ପି ଲ୍ୟାଡ ପାଣ୍ଠି ସହିତ ଏନ୍ ଆର ଆଇ ଓ ଦେଶର ସାଧାରଣ ଲୋକଙ୍କଠାରୁ ଦାନ ଗ୍ରହଣ କରାଯାଇ ଏହି କ୍ଷେତ୍ରରେ ବିନିଯୋଗ କରାଯାଇପାରେ। ଶିକ୍ଷାକୁ ଯୁବସମାଜର ବୌଦ୍ଧିକ ଓ ଚାରିତ୍ରିକ ବିକାଶ ସଙ୍ଗେ ସଙ୍ଗେ ରୋଜଗାରକ୍ଷମ କରିବା ପାଇଁ ବିଭିନ୍ନ ବୈଷୟିକ , ପରିଚାଳନା ଏବଂ ଅଧିକ ଯୁଗୋପଯୋଗୀ ପାଠ୍ୟଖସଡା ପ୍ରସ୍ତୁତ କରାଯାଉ। ଯୁବଶକ୍ତିର ସୁନିୟୋଜିତ ନିର୍ମାଣ ଓ ପରିଚାଳନା ହିଁ ଆମ ଦେଶକୁ ବିଶ୍ୱଗୁରୁ ଭାବେ ପ୍ରତିଷ୍ଠିତ କରିପାରିବ। ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି , ପ୍ରଶାସନିକ ପ୍ରତିବଦ୍ଧତା ଓ ସମାଜର ସଜାଗତା ଆବଶ୍ୟକ । ଆଶା ଜେନ୍-ଜି ଓ ଆଲଫା ମାନଙ୍କର ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ ଏଦିଗରେ ରାଷ୍ଟ୍ରର ପଥପ୍ରଦର୍ଶକ ହେବ।

(ମତାମତ ଲେଖକଙ୍କ ନିଜସ୍ୱ)

ଫୋନ୍ : ୯୪୩୭୨୭୪୯୫୨

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ ।**

ମୋବାଇଲ (ହ୍ୱାଟସ୍‌ଆପ୍) : ୯୦୯୦୨୨୫୩୫୩
ଇମେଲ: voiceofvictimsnews@gmail.com
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# କାମରେ ଆସୁନି ପ୍ରାଣୀ ସହାୟକ କେନ୍ଦ୍ର : ପ୍ରଶାସନ ନିଦାବିଷ୍ଟୁ

**ରଣପୁର (ଭିଓଭି) :** ରଣପୁର ବ୍ଲକ ଅନ୍ତର୍ଗତ କନ୍ଧନୟାଗଡ ସ୍ଥିତ ବହୁ ପୁରାତନ ପ୍ରାଣୀ ସହାୟକ କେନ୍ଦ୍ର ଦୀର୍ଘ ବର୍ଷ ତଳେ ସ୍ଥାପିତ ହୋଇଥିଲେ ହେଁ ଏହା ଲୋକମାନଙ୍କର କାମରେ ଆସୁନଥିବା ଅଭିଯୋଗ ହେଉଛି । ଏ ନେଇ ଲୋକେ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରୁଥିଲେ ହେଁ ପ୍ରଶାସନ ସବୁ ଶୁଣି ନିଦାବିଷ୍ଟୁ ସାଜିଥିବା ଜଣାଯାଇଛି । ସୂଚନା ଥାଉକି ଲୋକମାନଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ କନ୍ଧନୟାଗଡ ଠାରେ ରଣପୁର ପ୍ରାଣୀ ଚିକିତ୍ସା ବିଭାଗ ଅଧୀନରେ ୧୯୮୫ ମସିହାରେ ଏକ ପ୍ରାଣୀ ସହାୟକ କେନ୍ଦ୍ର ସ୍ଥାପନ କରାଯାଇଥିଲା । କନ୍ଧନୟାଗଡ ସମେତ ଚାନ୍ଦପୁର, ଚମ୍ପାଗଡ, କେରେଣ୍ଡାଟାଙ୍ଗୀ, ଜର୍ଙ୍କିଆ ଆଦି ପଂଚାୟତର ବହୁ ଛୋଟ ବଡ ଗାଁ ର ପ୍ରାୟ ୪ହଜାର ଗୃହପାଳିତ ପଶୁ ପକ୍ଷୀ ଏହା ଉପରେ ନିର୍ଭର କରିଥାନ୍ତି । ହେଲେ ଉକ୍ତ ପ୍ରାଣୀ ସହାୟକ କେନ୍ଦ୍ରଟି ମାସ ମାସ ଧରି ବନ୍ଦ ରହୁଥିବାରୁ ନିୟମିତ ସେବାରୁ ଅଂଚଳବାସୀ ବଂଚିତ ହେଉଥିବା ଅଭିଯୋଗ ହେଉଛି । ଅପରପକ୍ଷେ ନାମକୁ ମାତ୍ର ସେବା ବାହାନାରେ ମାସକୁ ଥରେ ୨ ଥର ବିଭାଗୀୟ ପ୍ରାଣୀ ଚିକିତ୍ସକ ଉକ୍ତ ସହାୟକ କେନ୍ଦ୍ରକୁ ଆସି ଗୃହ ପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ସଂପର୍କେ ବୁଝିଥାନ୍ତି, କିନ୍ତୁ ନିୟମିତ ଚିକିତ୍ସାଭାବରୁ ଅଚଂଳବାସୀ ନାହିଁନଥିବା ଅସୁବିଧା ଭୋଗୁଛନ୍ତି । ଏଣୁ ତୁରନ୍ତ ଏହାର ପ୍ରତିକାର କରିବାକୁ ଅଂଚଳବାସୀ କହିଛନ୍ତି । ତେବେ ସରକାରୀ ନିୟମାନୁଯାୟୀ ଗାଈ, ଗୋରୁଙ୍କୁ ଓ ଅନ୍ୟାନ୍ୟ ଗୃହପାଳିତ ପଶୁଙ୍କୁ ପ୍ରାଥମିକ ଚିକିତ୍ସା ଟୀକାକରଣ ପାଇଁ ସମସ୍ତ ପଂଚାୟତ କାର୍ଯ୍ୟାଳୟ ନିକଟରେ ପ୍ରାଥମିକ ପ୍ରାଣୀ ଚିକିତ୍ସା କେନ୍ଦ୍ର ସ୍ଥାପନ କରାଯାଉଛି । ହେଲେ ରଣପୁର ବ୍ଲକ ଅନ୍ତର୍ଗତ ଅନେକ ପଚାଂୟତରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଏହା ଅହେତୁକ ବିଡମ୍ବନା ଦେଖାଦେଇଛି । ତେବେ ଗ୍ରାମାଂଚଳରେ ବସବାସ କରୁଥିବା ୮୦ ପ୍ରତିଶତ ଲୋକେ କୃଷି ଓ ଛେଳି, ଗୋ-ପାଳନ ସମେତ ଅନ୍ୟାନ୍ୟ ଗୃହପାଳିତ ପଶୁ ପାଳନ କରି ପରିବାର ଗୁଜୁରାଣ ମେଂଟାଇଥାନ୍ତି । ହେଲେ ବାସ୍ତବିକ ଚିକିତ୍ସା କ୍ଷେତ୍ରରେ ସରକାରୀ ସହାୟତା ବିଶେଷକରି ଗୃହପାଳିତ ପଶୁ, ଗୋରୁଙ୍କୁ ହେଉଥିବା ଫାଟୁଆ, ବଜବଜିଆ, ସାଣ ଆଦି ରୋଗ ପାଇଁ ଉଦ୍ଦିଷ୍ଟ ଟୀକାକରଣରୁ ବଂଚିତ ହେଉଥିବାରୁ ଅଚଂଳବାସୀଙ୍କ ମଧ୍ୟରେ



ଅସନ୍ତୋଷ ଦେଖାଦେଇଛି । ଅପରପକ୍ଷେ ଉକ୍ତ ଟୀକାକରଣ ବାବଦକୁ ବିଭାଗୀୟ କର୍ମଚାରୀ ହିତାଧିକାରୀଙ୍କ ଠାରୁ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି । ଲୋକମାନଙ୍କର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ପ୍ରାଣୀ ସହାୟକ କେନ୍ଦ୍ରଟିକୁ ନିୟମିତ ପ୍ରାଣୀ ସେବା ଯୋଗାଇଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଅନ୍ୟଥା ଲୋକେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।




## ଭାରତର ପ୍ରତିନିଧିତ୍ୱ କରିବେ ଜଗନ୍ନାଥ

**ରଣପୁର (ଭିଓଭି) :** ରଣପୁର ବ୍ଲକ୍ ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମର ମମତା ମିଶ୍ର ଓ ତ୍ରିଲୋଚନ ମିଶ୍ରଙ୍କ ସୁପୁତ୍ର ହେଉଛନ୍ତି ଜଗନ୍ନାଥ ମିଶ୍ର। ଗାଁ ବିଦ୍ୟାଳୟରେ ନିମ୍ନ ମାଧ୍ୟମିକ ଓ ମାଧ୍ୟମିକ ଶିକ୍ଷା ପରେ ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ଭୁବନେଶ୍ୱରରେ ଦ୍ୱାଦଶ ଶ୍ରେଣୀ ସମାପ୍ତ ପରେ ସେଣ୍ଟ୍ରାଲ ଟୁଲ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟରରେ ମେସିନିଷ୍ଟ ମେକାନିକାଲ କୋର୍ସ କରିଥିଲେ। ପ୍ରତି ଦୁଇ ବର୍ଷରେ ଥରେ ବିଶ୍ୱସ୍ତରୀୟ ବିଶ୍ୱଦକ୍ଷତା ପ୍ରତିଯୋଗିତା ଯାହାକୁ କି ଦକ୍ଷତାର ଅଲମ୍ପିକ୍ସ ବୋଲି କୁହାଯାଇଥାଏ ସେଥିରେ ଭାଗନେଇ ପ୍ରଥମେ ଜିଲ୍ଲା ଓ ପରେ ରାଜ୍ୟସ୍ତରରେ ପ୍ରଥମ ହୋଇ ମୁଖ୍ୟମନ୍ତ୍ରୀଙ୍କ ଠାରୁ ସ୍ୱର୍ଣ୍ଣପଦକ ପାଇଥିଲେ। ଜଗନ୍ନାଥ ପୂର୍ବାଞ୍ଚଳ ଓ ଜାତୀୟ ସ୍ତରରେ ଭାଗନେଇ ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରି ଅଧୁନା ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ଚୀନ୍‌ର ସାଂଘାଇ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଦକ୍ଷତା ପ୍ରତିଯୋଗିତାରେ ଭାରତ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି । ଏହି ସଫଳତା ପଛରେ ତାଙ୍କର ଶିକ୍ଷକ ଶ୍ରୀ ସୁଦାମ ଚରଣ ସାହୁ ତାଙ୍କର ମାର୍ଗଦର୍ଶକ ବୋଲି ସେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ତାଙ୍କର ବାପା ଓ ମାଆଙ୍କ ପ୍ରେରଣାକୁ ଶ୍ରେୟ ଦେଇଛନ୍ତି । ଏହି ବିଶ୍ୱସ୍ତରୀୟ ସଫଳତା ପାଇଁ ଜଗନ୍ନାଥଙ୍କୁ ବୃନ୍ଦାବନପୁର ଗ୍ରାମର ସମସ୍ତ ଗୁରୁଜନ ଓ ଗ୍ରାମବାସୀ ଆଶୀର୍ବାଦ ଦେବା ସହିତ ଗାଁର ଗର୍ବ ବୋଲି କହିଛନ୍ତି। ସମିତିସଭ୍ୟା ପୁଷ୍ପାଞ୍ଜଳି ମିଶ୍ର ଜଗନ'ଙ୍କ ଏହି ସଫଳତା ପାଇଁ ତାଙ୍କୁ ପଞ୍ଚାୟତ ତରଫରୁ ସମ୍ମାନିତ କରାଯିବ ବୋଲି କହିଛନ୍ତି।

### ବୃନ୍ଦାବନପୁର ଗ୍ରାମପଞ୍ଚାୟତ

## ସରପଞ୍ଚ ପଦ ପାଇଁ ଆଶାୟୀ ମାଲମାଲ, ଜମୁଛି ନିର୍ବାଚନୀ ସମୀକରଣ

**ରଣପୁର (ଭିଓଭି) :** ରାଜ୍ୟ ସରକାର ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସମୟ ଘୋଷଣା କରିସାରିବା ପରେ ଗାଁ ଗାଁରେ ରାଜନୈତିକ ଆଲୋଚନା ଓ ଉଷ୍ମତା ବଢ଼ିବାରେ ଲାଗିଛି। ନୟାଗଡ଼ ଜିଲ୍ଲାର ରଣପୁର ବ୍ଲକ ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମ ପଞ୍ଚାୟତର ରାଜନୈତିକ ପରିବେଶ ଏଥର ଭିନ୍ନ ଧରଣର ରହିଛି। ସରପଞ୍ଚ ପଦବୀ ପାଇଁ ଏକାଧିକ ଆଶାୟୀଙ୍କ ନାମ ଚର୍ଚ୍ଚାକୁ ଆସୁଥିବାରୁ ପଞ୍ଚାୟତର ନିର୍ବାଚନୀ ସମୀକରଣ ରୋଚକ ହୋଇଉଠିଛି।

ଲେଖନପୁର, ବିନୋଦପଡ଼ା, ବୃନ୍ଦାବନପୁର, ବ୍ରଜସୁନ୍ଦରପୁର, ମଳିପଡ଼ା, ପାଇକରାପୁର, ଗାଇଝର, ଘୋଡ଼ାଶାଳିଆ, ଚାରପଲ୍ଲୀ ଓ ଅଁଳାପଲ୍ଲିକୁ ନେଇ ଗଠିତ ଏହି ପଞ୍ଚାୟତର ପ୍ରାୟ ୫୦ ପ୍ରତିଶତ ଭୋଟର କେବଳ ଲେଖନପୁର ଗ୍ରାମରେ ରହିଛନ୍ତି। ଫଳରେ ସରପଞ୍ଚ ନିର୍ବାଚନରେ ଲେଖନପୁରର ଭୋଟରମାନଙ୍କ ଭୂମିକା ସବୁବେଳେ ନିର୍ଣ୍ଣାୟକ ହୋଇଆସିଛି।

ପୂର୍ବରୁ ଲେଖନପୁରବାସୀ ଗ୍ରାମର ସର୍ବସମ୍ମତ ନିଷ୍ପତ୍ତି ଅନୁଯାୟୀ ଜଣେ ପ୍ରାର୍ଥୀଙ୍କ ସପକ୍ଷରେ ଏକଜୁଟ ହୋଇ ଭୋଟ ଦେଉଥିଲେ। କିନ୍ତୁ ବିଗତ କିଛି ନିର୍ବାଚନରେ ସେହି ଏକତାରେ ଭାଙ୍ଗ ସୃଷ୍ଟି ହେବାରୁ ଅନ୍ୟ ଗ୍ରାମର ପ୍ରାର୍ଥୀମାନେ ବାଜିମାତ କରିବାରେ ସଫଳ ହୋଇଛନ୍ତି। ଏଥର ମଧ୍ୟ ଲେଖନପୁରରୁ ଏକାଧିକ ଆଶାୟୀ ମୈଦାନକୁ ଆସିବା ପାଇଁ ପ୍ରସ୍ତୁତି ଚଳାଇଥିବା ଆଲୋଚନା ହେଉଛି।

ବର୍ତ୍ତମାନର ସରପଞ୍ଚ କୀର୍ତ୍ତନ ପ୍ରଧାନ ନିଜର ଶାରୀରିକ ଅସୁସ୍ଥତା ସତ୍ତ୍ୱେ ପୁଣିଥରେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ପାଇଁ ଅଣ୍ଟା ଭିଡ଼ିଥିବା ଚର୍ଚ୍ଚା ହେଉଛି। ତେବେ ସେ କେଉଁ ରାଜନୈତିକ ଦଳର ସମର୍ଥନରେ ପ୍ରାର୍ଥୀ ହେବେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଗତ ନିର୍ବାଚନରେ ବିଜୁ ଜନତା ଦଳ ଅନ୍ୟ ଜଣେ ପ୍ରାର୍ଥୀଙ୍କୁ ଦଳୀୟ ପ୍ରାର୍ଥୀ ଘୋଷଣା କରିଥିଲେ ମଧ୍ୟ ଭିତିରିଆ ଭାବେ କୀର୍ତ୍ତନ ପ୍ରଧାନଙ୍କୁ ସମର୍ଥନ ଦେଇଥିବା ଆଲୋଚନା ହୋଇଥିଲା। ବିଜୟ ପରେ ସେ ବିଜେଡି ସମର୍ଥିତ ସରପଞ୍ଚ ଭାବେ ପୂର୍ବତନ ବିଧାୟକଙ୍କ ଘନିଷ୍ଠ ହୋଇ କାର୍ଯ୍ୟ କରିଥିଲେ। ହେଲେ ୨୦୨୪ ନିର୍ବାଚନ ପରେ ତାଙ୍କୁ ବର୍ତ୍ତମାନର ବିଧାୟିକା ତଥା ବାଚସ୍ପତି ସୁରମା ପାଢୀଙ୍କ ଶିବିରରେ ଦେଖିବାକୁ ମିଳିଥିଲା। ତେଣୁ ଏଥର



ସେ କେଉଁ ଦଳର ସମର୍ଥନରେ ନିର୍ବାଚନ ଲଢ଼ିବେ, ତାହାକୁ ନେଇ ସସ୍ପେନ୍ସ ଜାରି ରହିଛି।

ଗତଥର ବିଜେଡି ସମର୍ଥିତ ଯୁବ ପ୍ରାର୍ଥୀ ଥିବା ସୁବାସ ଚନ୍ଦ୍ର ସାହୁ ବର୍ତ୍ତମାନ ବିଜେପି ଶିବିରରେ ଥିବାବେଳେ ସେ ମଧ୍ୟ ସରପଞ୍ଚ ପ୍ରାର୍ଥୀ ହେବା ପ୍ରାୟ ନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। ସେ ବିଜେପି ସମର୍ଥିତ ପ୍ରାର୍ଥୀ ହେବେ ନା ସ୍ୱାଧୀନ ଭାବେ ଲଢ଼ିବେ, ତାହା ଏଯାବତ୍ ସ୍ପଷ୍ଟ ନୁହେଁ। ସୁବାସ, ସୁନାଖଳା ମଣ୍ଡଳର ପୂର୍ବତନ ବିଜେପି ମଣ୍ଡଳ ସଭାପତି ଜୟନ୍ତ କୁମାର ନାୟକ (ପାଗୁଲୁ)ଙ୍କ ଘନିଷ୍ଠ ହୋଇଥିବାରୁ ସୁରମା ପାଢୀଙ୍କ ଆଶୀର୍ବାଦ ମିଳିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରୁନାହିଁ।

ତେବେ ବିଜେପି ସମର୍ଥନ ଦୌଡ଼ରେ ପୂର୍ବତନ ସମିତି ସଭ୍ୟ ତଥା ବିଜେପିର ପୁରୁଣା କର୍ମୀ କେଦାର ନାୟକଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ବିନୋଦପଡ଼ାର ବାସିନ୍ଦା କେଦାର ପୂର୍ବରୁ ନିର୍ବାଚନ ଜିତିବାର ଅଭିଜ୍ଞତା ଥିବା ସହ ସୁରମା ପାଢୀଙ୍କ ଘନିଷ୍ଠ ଅନୁଗତ ବୋଲି ଜଣାଯାଏ।

ଅନ୍ୟପକ୍ଷରେ ରଣପୁର ନିର୍ବାଚନମଣ୍ଡଳୀରେ ବିଧାୟକ ଓ ସାଂସଦଙ୍କ ସମର୍ଥକଙ୍କ ମଧ୍ୟରେ ଥିବା ଭିନ୍ନ ଗୋଷ୍ଠୀର ପ୍ରଭାବ ମଧ୍ୟ ଏହି ପଞ୍ଚାୟତରେ ପରିଲକ୍ଷିତ ହେଉଛି। ସାଂସଦ ଓ ନୟାଗଡ଼ ଜିଲ୍ଲା ସଭାପତିଙ୍କ ଘନିଷ୍ଠ ବୋଲି ପରିଚିତ ବୃନ୍ଦାବନପୁର ନୂଆଗାଁର ପୂର୍ବତନ ସରପଞ୍ଚ ଅଭିରାମ ପ୍ରଧାନ (ଅଭିନ)ଙ୍କୁ ଦଳୀୟ ପ୍ରାର୍ଥୀ କରିବାକୁ ପ୍ରତିଶ୍ରୁତି ମିଳିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେଣୁ ସେ ମଧ୍ୟ ନିର୍ବାଚନ ଲଢ଼ିବା ପ୍ରାୟ ନିଶ୍ଚିତ ବୋଲି କୁହାଯାଉଛି।

ଲେଖନପୁରର ଦୁଇ ପୂର୍ବତନ ସରପଞ୍ଚ ନବ କିଶୋର ସାହୁ ଓ ଗଙ୍ଗାଧର ରଣାଙ୍କ ନାମ ମଧ୍ୟ ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ରହିଛି। ଏମାନଙ୍କ ଛଡା ସହଦେବ ସାହୁ, ଭାସ୍କର ଚନ୍ଦ୍ର ବାରିକ, ରାକେଶ ମହାନ୍ତି ଓ ଭବାନୀ ଶଙ୍କର ସାହୁଙ୍କ ନାମ ଗ୍ରାମରେ ଆଲୋଚନା ହେଉଛି।

ପାଇକରାପୁର ଗ୍ରାମର ସନ୍ତୋଷ ପଟ୍ଟନାୟକ, ଯିଏ ପୂର୍ବ ନିର୍ବାଚନରେ ସମିତି ସଭ୍ୟ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ସେ ମଧ୍ୟ ଏଥର ସରପଞ୍ଚ ପ୍ରାର୍ଥୀ ହେବା ପାଇଁ ପ୍ରସ୍ତୁତି ଚଳାଇଥିବା ଆଲୋଚନା ହେଉଛି।

ଏତେସବୁ ଆଶାୟୀଙ୍କ ମଧ୍ୟରେ ବର୍ତ୍ତମାନର ସମିତି ସଭ୍ୟା ପୁଷ୍ପାଞ୍ଜଳି ମିଶ୍ରଙ୍କ ନାମ ମଧ୍ୟ ଗୁରୁତ୍ୱର ସହ ଚର୍ଚ୍ଚାକୁ ଆସୁଛି। ଅଞ୍ଚଳବାସୀ ଓ କିଛି ସାମାଜିକ କର୍ମୀଙ୍କ ମତରେ ସେ ଜଣେ ଉଚ୍ଚଶିକ୍ଷିତା ଓ ସକ୍ରିୟ ଜନପ୍ରତିନିଧି। ନିର୍ବାଚିତ ହେବା ପରଠାରୁ ସେ ପଞ୍ଚାୟତବାସୀଙ୍କ ସୁଖଦୁଃଖରେ ସାମିଲ ହୋଇ ନିଜର କର୍ତ୍ତବ୍ୟ ପାଳନ କରିଆସିଛନ୍ତି। ଜଣେ ସ୍ୱୟଂସିଧା ନାରୀ ନେତ୍ରୀ ଭାବେ ପଞ୍ଚାୟତର ସ୍ୱରକୁ ବ୍ଲକ ଓ ଜିଲ୍ଲା ସ୍ତରରେ ପହଞ୍ଚାଇବାରେ ସଫଳ ହୋଇଥିବା ସହ ସେ କେବଳ 'ରବର ଷ୍ଟାମ୍ପ' ନେତ୍ରୀ ନୁହନ୍ତି ବୋଲି ପ୍ରମାଣ କରିସାରିଛନ୍ତି। ଅନେକ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ତାଙ୍କୁ ସରପଞ୍ଚ ପ୍ରାର୍ଥୀ ଭାବେ ଦେଖିବାକୁ ଇଚ୍ଛା ପ୍ରକାଶ କରୁଥିବାବେଳେ ପୁଷ୍ପାଞ୍ଜଳି ମିଶ୍ର ନିଜେ ମଧ୍ୟ ସ୍ୱୀକାର କରିଛନ୍ତି ଯେ ତାଙ୍କ ଦଳର ସାଥୀ, ବୁଦ୍ଧିଜୀବୀ ଓ ଗୁରୁଜନମାନେ ତାଙ୍କୁ ନିର୍ବାଚନ ଲଢ଼ିବାକୁ ଅନୁରୋଧ କରିଛନ୍ତି। ତେବେ ଏ ବାବଦରେ ବିଜୁ ଜନତା ଦଳ ଯେଉଁ ନିଷ୍ପତ୍ତି ନେବ, ସେ ସେହି ଅନୁଯାୟୀ ଆଗକୁ ବଢ଼ିବେ ବୋଲି ପ୍ରକାଶ କରିଛନ୍ତି।

ବିଶେଷ ସୂତ୍ରରୁ ଆହୁରି ଜଣାପଡ଼ିଛି ଯେ ଲେଖନପୁରର ଉଚ୍ଚଶିକ୍ଷିତ ଯୁବକ ରମେଶ କୁମାର ମହାରଣା ଓ ବୃନ୍ଦାବନପୁର ନୂଆଗାଁର ବିଜୟ କୁମାର ପ୍ରଧାନ କଳାଘୋଡ଼ା ବା ଡାର୍କହର୍ସ ଭଳି ଶେଷ ମୁହୂର୍ତ୍ତରେ ମଧ୍ୟ ଆସନ୍ତା ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି। ସେ ଦୁଇଜଣ ଯଦି ନିର୍ବାଚନ ମୈଦାନକୁ ଓହ୍ଲାଇ ରମେଶ ଲେଖନପୁରର ଓ ବିଜୟ ମଳିପଡ଼ା, ବ୍ରଜସୁନ୍ଦରପୁର ଅଞ୍ଚଳ ଭୋଟରମାନଙ୍କୁ ଏକତ୍ରିତ କରିବାରେ ସଫଳ ହୁଅନ୍ତି, ତେବେ ବୃନ୍ଦାବନପୁର ପଞ୍ଚାୟତରେ ଏଥର ସରପଞ୍ଚ ନିର୍ବାଚନ ଅତ୍ୟନ୍ତ ରୋଚକ ଓ ଘମାଘୋଟ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

## ମଣିମା ଶୁଣିମା ହେଉ...










# ରାଜ-ରଣପୁର : କିଛି ଅନାବୃତ କଥା (୮)



**ଚିତ୍ତରଂଜନ ଲାଲ୍**

ରାଜ-ରଣପୁର ଅଞ୍ଚଳର ଇତିହାସ କେବଳ ରାଜନୈତିକ ଓ ସାଂସ୍କୃତିକ ପରମ୍ପରାରେ ସୀମିତ ନୁହେଁ, ବରଂ ଶିକ୍ଷାର ବିକାଶ କ୍ଷେତ୍ରରେ ମଧ୍ୟ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରାଚୀନ ସମୟରେ ଗ୍ରାମ୍ୟ ପାଠଶାଳା (ଚାଟଶାଳୀ), ସଂସ୍କୃତ ଟୋଲ, ଭାଗବତ ଟୁଙ୍ଗୀ ଓ ମନ୍ଦିର, ମଠ ଗୁଡ଼ିକ ଜ୍ଞାନ ବିତରଣର ପ୍ରମୁଖ କେନ୍ଦ୍ର ଥିଲେ। ସେଠାରେ ଓଡ଼ିଆ, ସଂସ୍କୃତ, ଗଣିତ, ନୀତିଶିକ୍ଷା ଓ ଧାର୍ମିକ ସାହିତ୍ୟ ପଢ଼ାଯାଉଥିଲା।

ବ୍ରିଟିଶ ଶାସନ କାଳରେ ଆଧୁନିକ ଶିକ୍ଷା ବ୍ୟବସ୍ଥାର ବିକାଶ ସହ ରଣପୁରରେ ମଧ୍ୟ ବିଦ୍ୟାଳୟ ସ୍ଥାପନ ପ୍ରକ୍ରିୟା ଆରମ୍ଭ ହେଲା। ସ୍ଥାନୀୟ ରାଜ ପରିବାର, ଶିକ୍ଷାପ୍ରେମୀ ବ୍ୟକ୍ତିବିଶେଷ ଏବଂ ସମାଜସେବୀମାନଙ୍କର ସହଯୋଗରେ ବିଦ୍ୟାଳୟ ସ୍ଥାପନ ହୋଇ ଶିକ୍ଷାର ଆଲୋକ ଗାଁକୁ ଗାଁ ପହଞ୍ଚିଲା। ପରବର୍ତ୍ତୀ ସମୟରେ ବି.ସି.ହାଇସ୍କୁଲ୍, କୃଷ୍ଣ ଭାଗିରଥୀ ଛାତ୍ରାବାସ, କୃଷ୍ଣ ଏବଂ ଭାଗିରଥୀ ମିଶ୍ର ଦୁଇଭାଇ ସେତେବେଳର ରଣପୁରର ବିଶିଷ୍ଟ ବ୍ୟବସାୟୀ ଥିଲେ । ସେମାନେ ହଷ୍ଟେଲଟିକୁ ନିଜସ୍ୱ ଅର୍ଥରେ ନିର୍ମାଣ କରିଥିଲେ । ତାଙ୍କର ଦାଣ୍ଡ ସାହିରେ ବିଶାଳ ମହଲ ଥିଲା, ଯାହାକି ଏବେବି ଅଛି। ଏହିପରି ଅନୁଷ୍ଠାନଗୁଡ଼ିକ ଏହି ଅଞ୍ଚଳରେ ଶିକ୍ଷା ବିସ୍ତାରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ବିଦ୍ୟାର୍ଥୀମାନେ କାହୁଁ କେତେ ଦୂରରୁ ଚାଲି ଚାଲି ବି ସି ହାଇସ୍କୁଲକୁ ଅଧ୍ୟୟନ ପାଇଁ ଆସୁଥିଲେ। କିଛି ବିଦ୍ୟାର୍ଥୀ ହଷ୍ଟେଲରେ ରହି ପାଠ ପଢୁଥିଲେ। ଏହା ଥିଲା ବିଦ୍ୟାର୍ଥୀମାନଙ୍କ ପାଇଁ ଶିକ୍ଷାର ପ୍ରାଣ କେନ୍ଦ୍ର। ହଷ୍ଟେଲର ରୋଷେଇ ଦାୟିତ୍ୱ ସହିତ ୱାଚମ୍ୟାନ ଥିଲେ ବୃନ୍ଦାବନପୁର ଶାସନର ଗଣେଶ୍ୱର ମିଶ୍ର (ସମସ୍ତଙ୍କ ପ୍ରିୟ ଗଣି ଭାଇନା) । ହଷ୍ଟେଲରେ ନିଷ୍ଠାର ସହିତ କାମ ଓ ପିଲାମାନଙ୍କୁ ପାହାନ୍ତା ପଢ଼ା ପାଇଁ ରୁମ୍ ରୁମ୍ ବୁଲି ରାତି ୪ଟାରୁ ଡାକିବା କଥା ମନେ ପକାଇ ଅନେକ ପୁରୁଣା ଛାତ୍ରମାନେ ଏବେ ବି ତାଙ୍କୁ ଝୁରୁଛନ୍ତୁ। ଆଜି କାଲି ଆଉ ସେ ପାହାନ୍ତା ପଢ଼ା ପରମ୍ପରା ନାହିଁ।

ବୃନ୍ଦାବନପୁର ଶାସନ ଏବଂ ବି. ସି. ହାଇସ୍କୁଲର ମେଧାବୀ ଛାତ୍ର ଶ୍ରୀ ରାଜ କିଶୋର ମିଶ୍ର, ଯିଏକି ଜଣେ ଇଞ୍ଜିନିୟର । ଆମେରିକାରେ ଜେନେରାଲ ମୋଟରସ କମ୍ପାନୀରେ ଏକ ବରିଷ୍ଠ ଉଚ୍ଚଅଧିକାରୀ ରହି ପାରିଥିଲେ।

ସ୍ୱାଧୀନତା ପରେ ସରକାରଙ୍କ ବିଭିନ୍ନ ଶିକ୍ଷା ଯୋଜନା ମାଧ୍ୟମରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷାର ବ୍ୟାପକ ବିକାଶ ହୋଇଛି। ଝିଅମାନଙ୍କ ଶିକ୍ଷା, ବସନ୍ତ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାପିତ ୧୯୬୫ (ଯାହା ଆଜିକାର ବାଳିକା ଉଚ୍ଚ ବିଦ୍ୟାଳୟ ଭାବେ ନାମିତ),୧୯୭୮ ମସିହାରେ ରଣପୁର ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ବୃତ୍ତିମୂଳକ ଶିକ୍ଷା ଓ ଉଚ୍ଚଶିକ୍ଷା ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବା ସହିତ ରଣପୁରର ଶିକ୍ଷା କ୍ଷେତ୍ର ନୂତନ ଦିଗ ପାଇଛି। ସମ୍ପ୍ରତି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏହି ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଛନ୍ତି।

ରାଜରଣପୁରରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡିକ ହେଉଅଛି ମଡେଲ ୟୁ.ପି. ସ୍କୁଲ, ନେଳିଆ ୟୁ.ପି. ସ୍କୁଲ, ହାଟସାହିରେ ଥିବା ୟୁପି ସ୍କୁଲ, ମଙ୍ଗରାଜପୁରରେ ଥିବା ୟୁ.ପି. ସ୍କୁଲ, ରଘୁନାଥ ପୁରରେ ଥିବା ୟୁ.ପି. ସ୍କୁଲ ଏବଂ ନୂଆ ଗାଁରେ ଥିବା ୟୁ.ପି.ସ୍କୁଲ।

ଆଜି ରାଜ-ରଣପୁରର ଅନେକ ଛାତ୍ରଛାତ୍ରୀ ପ୍ରଶାସନ, ଶିକ୍ଷା, ଚିକିତ୍ସା, ଇଞ୍ଜିନିୟରିଂ, ଆଇନ, ସାହିତ୍ୟ, ବିଜ୍ଞାନ, ଚାଟାର୍ଡ ଆକାଉଣ୍ଟାଣ୍ଟ, କମ୍ପାନୀ ସେକ୍ରେଟାରୀ, କଷ୍ଟ ଆକାଉଣ୍ଟାଣ୍ଟ, ଉଦ୍ୟୋଗପତି ଓ ସମାଜସେବା କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରି ଅଞ୍ଚଳର ଗୌରବ ବଢ଼ାଉଛନ୍ତି। ଶିକ୍ଷା ହିଁ ରାଜ-ରଣପୁରର ସାମାଜିକ,ଆର୍ଥିକ ଓ ସାଂସ୍କୃତିକ ବିକାଶର ପ୍ରମୁଖ ଆଧାର ଭାବେ ପରିଗଣିତ ହେଉଛି। ଭବିଷ୍ୟତରେ ଆଧୁନିକ ପ୍ରଯୁକ୍ତି, ଗବେଷଣା ଏବଂ କୌଶଳଭିତ୍ତିକ ଶିକ୍ଷା ମାଧ୍ୟମରେ ରାଜ-ରଣପୁର ଶିକ୍ଷା କ୍ଷେତ୍ରରେ ଆହୁରି ଅଗ୍ରଗତି କରିବ ବୋଲି ଆଶା କରାଯାଏ। (କ୍ରମଶଃ)








**ବଡ଼ଦାଣ୍ଡ ସାହି, ରାଜ-ରଣପୁର**
**ମୋ : ୯୪୩୭୨ ୨୮୮୫୬**

# ଅବ୍ୟବସ୍ଥାଘେରରେ ମୟୂରଝାଲିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର

**ରଣପୁର (ବ୍ରଜ ରଣସିଂହ) :** ରଣପୁର ବ୍ଲକ ଅନ୍ତର୍ଗତ ମୟୂରଝାଲିଆ ଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଥିଲେ ହେଁ ଅଞ୍ଚଳବାସୀ ନିୟମିତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ତେବେ ଲୋକମାନଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ସ୍ୱାସ୍ଥ୍ୟ ସେବା ନିମନ୍ତେ ମୟୂରଝାଲିଆ ଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଥିବା ବେଳେ ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିୟୋଜିତ ଥିବା ଜଣାଯାଇଛି । କିନ୍ତୁ ସ୍ୱାସ୍ଥ୍ୟ କର୍ମୀ ମାନଙ୍କ ମନମାନୀ ଯୋଗୁ ଲୋକମାନଙ୍କୁ ନିୟମିତ ସ୍ୱାସ୍ଥ୍ୟ ସେବା ମିଳୁନଥିବା ଅଭିଯୋଗ ହେଉଛି । ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଚଂଳବାସୀ ବାରମ୍ବାର ଅଭିଯୋଗ କରିଅସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି । ତେବେ ଏହା ଉପରେ ନିର୍ଭର କରୁଥିବା ମୟୁରଝାଲିଆ ସମେତ ଝାଡପଡା, ଜଙ୍କିଆ ଖୋର୍ଦ୍ଧା ସୀମାବର୍ତି ପଚାଂୟତ କମାଗୁରୁ ଆଦି ପଚାଂୟତର ୧୨ରୁ ଉର୍ଦ୍ଧ୍ୱ ଗାଁ ର ୮ହଜାର ଅଚଂଳବାସୀ ସ୍ୱାସ୍ଥ୍ୟ ସେବାରୁ ବଚିଂତ ହେଉଥିବା ବେଳେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜରୁରୀ କାଳୀନ ସେବା ପାଇଁ ୧୨ କିମି ଦୂର ଚାନ୍ଦପୁର କିମ୍ବା ୧୫ କିମି ଦୂର ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଜଣାଯାଇଛି । ସେହିପରି ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ନିମନ୍ତେ ଆବଶ୍ୟକୀୟ ଉପକରଣ ନଥିବା ବେଳେ ସ୍ୱାସ୍ଥ୍ୟ କର୍ମୀ ତଥା ଡାକ୍ତର ନିୟମିତ ଡାକ୍ତରଖାନାକୁ ଆସୁନଥିବା ଅଭିଯୋଗ ହେଉଛି । ଏପରିକି ସକାଳ ୮ଟାରୁ ସକାଳ ୧୧ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କର୍ମୀମାନେ ଡ୍ୟୁଟି କରି ଫେରିଯାଉଥିବା ବେଳେ ବାକି ସମୟରେ ଡାକ୍ତରଖାନା ବନ୍ଦ ରହୁଥିବା ନେଇ ଅଭିଯୋଗ ହେଉଛି । ସେହିପରି ରଣପୁର ମୂଖ୍ୟ ଚିକିତ୍ସାଳୟ ଠାରୁ ଅନତି ଦୂରରେ ଅବସ୍ଥିତ ଏହି ଡାକ୍ତରଖାନାରେ ନିୟମିତ ମାଗଣାରେ ନିରାମୟ ଯୋଜନାରେ ଔଷଧ ବଂଟନ କରିବାକୁ ଦାବୀ ହେଉଛି ।




# ଜନ ସେବାର ମୁହଁ



**ଗୁଲୁବାସ ସୁବୁଦ୍ଧି**
ସରପଞ୍ଚ, କନ୍ଧ ନୟାଗଡ

ରଣପୁର ବ୍ଲକ ଅନ୍ତର୍ଗତ କନ୍ଧ ନୟାଗଡ ପଞ୍ଚାୟତର ସରପଞ୍ଚ ହେଉଛନ୍ତି ଗୁଲୁବାସ ସୁବୁଦ୍ଧି। ପିଲାଟି ଦିନରୁ ତାଙ୍କର ସରଳ ଜୀବନ ଯାପନ, ଧର୍ମବିଶ୍ୱାସ ଓ ସେବା ପରାୟଣ ମନୋଭାବ ରହି ଆସିଅଛି। ସ୍ୱାମୀ ଅରୁଣ କୁମାର ସୁବୁଦ୍ଧି ଜଣେ ଆଇନଜୀବି । ୨୦୧୭ ରୁ ୨୦୨୨ କନ୍ଧ ନୟାଗଡର ସରପଞ୍ଚ ଭାବେ କାର୍ଯ୍ୟଭାର ତୁଲେଇ ପଞ୍ଚାୟତ ବାସୀଙ୍କ ବିଶ୍ୱାସ ଭାଜନ ହୋଇ ଲୋକପ୍ରିୟ ସରପଞ୍ଚ ହୋଇପାରିଥିଲେ। ଯାହାର ଫଳ ସ୍ୱରୂପ ୨୦୨୨ ପଞ୍ଚାୟତ ନିର୍ବାଚନରେ ପଞ୍ଚାୟତ ବାସୀ ତାଙ୍କ ଉପରେ ପୁନଃ ଭରଷା ରଖି ଜିତାଇ ଥିଲେ । ପଞ୍ଚାୟତର ସାମୂହିକ ବିକାଶ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କଲ୍ୟାଣମଣ୍ଡପ ପରି ଅନେକ କାର୍ଯ୍ୟକୁ ହାତକୁ ନେଇ ସେ ସଫଳ ହୋଇପାରିଛନ୍ତି । ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଦଳଗତ ନିର୍ବିଶେଷରେ ପଦବୀର ଅପବ୍ୟବହାର ନକରି ସମସ୍ତଙ୍କୁ ସମାନ ଅଧିକାର ଦେବାରେ ତିଳେ ମାତ୍ର ତ୍ରୁଟି ରଖନ୍ତି ନାହିଁ। ମାନବ ସେବା ହିଁ ମାଧବ ସେବାକୁ ତାଙ୍କ ଜୀବନର ମୂଳ ମନ୍ତ୍ର ବୋଲି ସେ କୁହନ୍ତି। ସେବା କରିବାର ସଂକଳ୍ପ ନେଇ ପଞ୍ଚାୟତ ଜନମାନସରେ ଭଲ ନାରୀନେତ୍ରୀଟିଏ ହୋଇପାରିଥିବାରୁ ସେ ଗର୍ବିତ ହେବା ସଙ୍ଗେ ସଙ୍ଗେ ପଞ୍ଚାୟତବାସୀଙ୍କୁ କୃତଜ୍ଞତା ଜ୍ଞାପନ କରନ୍ତି ।


# ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ : ୯୦୯୦୨୨୫୩୫୩
**Email:**
voiceofvictim2019@gmail.com
voiceofvictimsnews@gmail.com
**Website :**
https://voiceofvictims.co.in
**E-Paper :**
voiceofvictimsepaper.in

# Global Environmental Index: Measuring the Health of Our Planet



Nihar Ranjan Acharya

The Earth is facing an unprecedented environmental challenge. Climate change, air pollution, biodiversity loss, deforestation, water scarcity, plastic pollution and unsustainable resource consumption are no longer isolated problems. They are interconnected threats affecting human health, economies and ecosystems across the world. In this context, a Global Environmental Index is an important tool for understanding how nations are performing in protecting the environment and building a sustainable future.

One of the most recognized global frameworks for assessing environmental performance is the Environmental Performance Index (EPI), developed by researchers at Yale University and Columbia University. The EPI uses scientific data to evaluate national environmental performance and enables comparison among countries. The 2026 EPI assesses 177 countries using 47 indicators grouped into 12 issue categories, organized under three broad objectives: Environmental Health, Ecosystem Vitality and Climate Change.

**What Does an Environmental Index Measure?**

Environmental quality cannot be measured through a single parameter. A comprehensive index examines several dimensions, including air quality, drinking water and sanitation, waste management, biodiversity, forests, fisheries, agriculture, pollution, greenhouse-gas emissions, climate policy and environmental governance.

The importance of such an index lies in converting complex scientific information into measurable indicators. These indicators help governments, researchers and citizens understand where environmental performance is improving and where urgent intervention is required.

An environmental ranking, therefore, should not merely be viewed as a competition between nations. It should function as a diagnostic instrument—showing environmental strengths, weaknesses and areas requiring policy attention.

Why Global Comparison Matters

Environmental degradation does not respect political boundaries. Carbon dioxide released in one country contributes to global warming; pollutants can travel across borders; rivers and oceans connect ecosystems; and biodiversity loss in one region can have consequences far beyond national boundaries.""Global environmental indices encourage countries to measure their progress against internationally comparable indicators. They can also help policymakers identify successful approaches adopted by other nations and adapt them to local conditions.""However, rankings must be interpreted carefully. Countries differ in geography, population, economic development, historical emissions and natural-resource endowments. A country's overall ranking therefore provides an important signal, but it does not capture every aspect of its environmental reality.

**India: A Serious Environmental Wake-Up Call**

The 2026 Environmental Performance Index places India 176th among 177 countries, with an overall score of 22.46 out of 100. This places India only one position above the bottom of the global ranking.

This position deserves serious reflection. India is one of the world's largest and fastest-growing economies, possesses enormous ecological diversity and has made significant investments in renewable energy, conservation and climate-related initiatives. Yet the overall EPI result indicates that major environmental challenges remain.

The lesson is not that India's environmental story is entirely negative. Rather, the ranking highlights the need to examine individual environmental indicators instead of relying solely on the overall score. Strong performance in one area cannot compensate indefinitely for weaknesses in others.







India's environmental challenge is particularly complex because development, urbanization, population density, industrialization and ecological conservation must progress simultaneously. The country therefore needs environmental policies that combine economic development with ecological security.

**From Ranking to Responsibility**

The true value of a Global Environmental Index lies not in the ranking itself, but in what governments and societies do with the information.

Governments must strengthen environmental governance, improve monitoring systems, protect forests and biodiversity, invest in clean technologies and make environmental sustainability central to development planning.

Industries must reduce emissions, minimize waste, conserve resources and move towards circular production systems. Citizens also have an important role through responsible consumption, waste reduction, water conservation, sustainable mobility and protection of local ecosystems.

Environmental responsibility must become a shared responsibility rather than the duty of governments alone.

Beyond GDP: A New Definition of Progress

For decades, national progress has largely been measured through economic indicators such as GDP, industrial production and infrastructure development. These remain important, but they do not tell the complete story.

A nation cannot claim genuine progress if economic growth is accompanied by polluted air, contaminated water, disappearing biodiversity and degraded ecosystems.

The future of development must therefore be measured through a broader framework—economic prosperity + environmental sustainability + human well-being.

Conclusion

The Global Environmental Index is ultimately a mirror of humanity's relationship with nature. It tells us where we stand, but its greater purpose is to encourage us to improve.

India's 176th position out of 177 countries in the 2026 EPI should not be treated merely as a statistic. It should become a catalyst for deeper environmental action, stronger governance, scientific innovation and public participation.

The greatest achievement of a nation will not be measured only by how much it produces or consumes, but by how wisely it uses the Earth's finite resources while ensuring that future generations inherit a healthy and resilient planet.

The true environmental index of humanity is not merely a number—it is the condition of the Earth we leave behind.

Our Planet. Our Responsibility.

**Scientific Officer, Indian Climate Congress**
**Ph. 8249775817**
E-Mail: nihar.acharya1973@gmail.com

# Income Tax e-Filing: A Comprehensive Knowledge

Sanjib Kumar Pattnaik

The filing of Income Tax Returns (ITRs) has become an integral part of financial compliance in India. With the Income Tax Department's digital initiatives, the e-Filing process has become simpler, faster, and more transparent than ever before. Taxpayers can now complete the entire process from the comfort of their homes without visiting any government office. The online system provides pre-filled information, automatic tax calculations, and multiple options for electronic verification, making return filing convenient for salaried employees, professionals, business owners, and pensioners alike.

However, filing an Income Tax Return is not merely a statutory obligation. It serves as an important financial document that is often required while applying for bank loans, housing finance, visas, scholarships, government tenders, and various other financial transactions. Even individuals whose tax liability is nil may benefit from filing their returns regularly, as it establishes financial credibility and facilitates quicker processing of refunds.

Before initiating the e-Filing process, taxpayers should keep all relevant documents ready. These include PAN, Aadhaar, Form 16 (for salaried employees), details of interest income, capital gains, rental income, investments eligible for deductions, and bank account information. It is also advisable to verify the details available in Form 26AS, the Annual Information Statement (AIS), and the Taxpayer Information Summary (TIS), as these documents contain information regarding taxes deducted at source, high-value financial transactions, and other reported incomes.

Ensuring that PAN is linked with Aadhaar and that the registered mobile number is active is equally important, as these are required for login and electronic verification.

## Step-by-Step e-Filing Procedure

The taxpayer should first visit the official Income Tax e-Filing portal and log in using PAN or Aadhaar-linked credentials. New users are required to complete a one-time registration before accessing the portal.

After logging in, select "e-File", followed by "Income Tax Return" and then "File Income Tax Return." Choose the appropriate Assessment Year and filing mode.

The next and perhaps the most crucial step is selecting the correct ITR form. Different forms are prescribed for different categories of taxpayers depending upon the nature and source of income. Selecting an incorrect form may result in the return being treated as defective.

The portal automatically displays pre-filled information, including personal details, salary income, TDS, bank interest, and other available financial data. Taxpayers should carefully verify every entry and make necessary corrections or additions wherever required.

Income from all sources—including salary, pension, house property, business or profession, capital gains, interest, and other miscellaneous income—should be reported accurately. Thereafter, eligible deductions under various provisions of the Income Tax Act should be claimed to reduce the taxable income wherever applicable.

Once all information has been entered, the system automatically computes the tax payable or refund due. If any additional tax remains payable, it should be deposited online using the e-Pay Tax facility before submitting the return.

Before final submission, taxpayers should thoroughly review every detail to ensure there are no omissions or computational errors.

## Importance of e-Verification

Submission of the return alone does not complete the filing process. The return must be electronically verified through Aadhaar OTP, Net Banking, Digital Signature Certificate (DSC), bank account validation, or other prescribed methods. Failure to verify the return within the stipulated time may render it invalid, requiring the taxpayer to initiate the filing process once again.

## Common Mistakes to Avoid

Tax professionals advise taxpayers to avoid several common mistakes while filing returns. These include selecting an incorrect ITR form, failing to disclose interest income from savings accounts or fixed deposits, mentioning incorrect bank account details, overlooking AIS and Form 26AS data, claiming ineligible deductions, and postponing filing until the last date. Such mistakes may delay refunds or invite notices from the Income Tax Department.

## Benefits of Timely Filing

Timely filing of Income Tax Returns offers several advantages. Refunds are generally processed faster, interest and penalties can be avoided, and taxpayers maintain a clean compliance record. Regular filing also strengthens an individual's financial profile, making it easier to obtain housing loans, education loans, business finance, and visas for international travel.

## Consequences of Delayed Filing

Taxpayers who fail to file their returns within the prescribed due date may still be able to submit a belated return within the period permitted under the Income Tax Act. However, delayed filing may attract late fees, interest on outstanding tax liabilities, delay the processing of refunds, and restrict the carry-forward of certain business or capital losses.

## Stay Alert Against Online Frauds

As the return filing season reaches its peak, cyber frauds and phishing attempts also increase. Taxpayers should use only the official Income Tax e-Filing portal for filing returns and making tax payments. Emails, SMS messages, or phone calls requesting OTPs, passwords, or banking credentials should never be trusted unless verified through official government channels.

The digitisation of India's tax administration has significantly simplified the return filing process. Nevertheless, taxpayers must exercise due diligence while reporting income and claiming deductions. A carefully prepared and timely filed Income Tax Return not only ensures legal compliance but also reflects responsible financial planning and contributes to the nation's tax ecosystem. With proper documentation, careful verification, and awareness of the latest procedures, filing an Income Tax Return has become a straightforward task that every eligible taxpayer can accomplish with confidence.

*Sai Sanket, Shelter Chhak, Cuttack-8*
*Mobile: 9437065193*




Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର